ଧରିତ୍ରୀ
DHARITRI

June 23-29, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ



# ମୋହ ମୁକ୍ତି

ପ୍ରାଚୁର୍ଯ୍ୟ ଓ ସଫଳତାର ଶୀର୍ଷରେ
ରହି ବି ସେମାନେ ପାଇ ନାହାନ୍ତି ସୁଖ।
ସେଇ ପ୍ରକୃତ ସୁଖକୁ ଖୋଜିବା ଭିତରେ
ସମସ୍ତ ପାର୍ଥିବ ମୋହରୁ ମୁକ୍ତ ହୋଇ
ବାଛି ନେଇଛନ୍ତି ସନ୍ନ୍ୟାସର ରାସ୍ତା...

ପ୍ରଚ୍ଛଦ ପ୍ରସଙ୍ଗ
୩

## ସମ୍ପତ୍ତି ବଢାଇବାକୁ ଚାହୁଁଥିଲେ...

ଧନପ୍ରାପ୍ତିର ଇଚ୍ଛା ସମସ୍ତଙ୍କର ଥାଏ। ସେଥିପାଇଁ କିଏ କେତେ ପରିଶ୍ରମ ବି କରିଥାନ୍ତି। ହେଲେ ଏମିତି କେତୋଟି ସହଜ ବାସ୍ତୁ ଉପାୟ ରହିଛି; ଯାହାକୁ ଆପଣାଇଲେ ଘରେ ଧନସମ୍ପତ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ...



✲ ଧନର ଦେବତା କୁବେର ହେଲେ ଉତ୍ତର ଦିଗର ସ୍ୱାମୀ। ତେଣୁ ଏହି ଦିଗରେ ଟଙ୍କା ପଇସା ରଖାଯାଉଥିବା ଲକର୍, ଟ୍ରେଜେରୀ ଅଥବା ଆଲମାରୀକୁ ରଖିବା ଶୁଭ ହୋଇଥାଏ।

✲ ଲକର୍ କିମ୍ବା ଆଲମାରୀର ଠିକ୍ ସାମ୍ନାରେ ଦର୍ପଣକୁ ଏମିତି ରଖିବା ଦରକାର, ଯେମିତି ସେଥିରେ ଆଲମାରୀର ଛବି ଭଲଭାବେ ପ୍ରତିଫଳିତ ହେଉଥିବ। ଏହା ବି ଧନବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

✲ ବାଇଗଣୀ ରଙ୍ଗର କୁଣ୍ଡରେ ମନି ପ୍ଲାଣ୍ଟ ଗଛ ଲଗାଇବା ବି ଶୁଭଫଳ ଦେଇଥାଏ। କାରଣ ବାଇଗଣୀ ରଙ୍ଗକୁ ଧନର ପ୍ରତୀକ ବୋଲି କୁହାଯାଏ।

✲ ଘରର ମୁଖ୍ୟଦ୍ୱାର ନିକଟରେ ନାଲି କପଡ଼ାରେ କିଛି କଏନ୍ ବାନ୍ଧି ଟାଙ୍ଗିଲେ ବି ଧନ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ ମନିପର୍ସରେ ଅଖଣ୍ଡିତ ୨୧ଟି ଅରୁଆ ଚାଉଳ ରଖିଲେ ପର୍ସରେ ସବୁବେଳେ ପଇସା ରହିଥାଏ ବୋଲି ବିଶ୍ୱାସ ରହିଛି।

✲ ତା'ସହିତ ମନିପର୍ସରେ ନୋଟ୍ ଟଙ୍କା ଓ ଖୁଚୁରା ଟଙ୍କାକୁ ଅଲଗା ଅଲଗା ରଖିବା ବି ଧନବୃଦ୍ଧିକୁ ପ୍ରବର୍ଦ୍ଧାଇଥାଏ।

✲ ଧନର ଦେବୀଙ୍କୁ ପ୍ରସନ୍ନ କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଏରୁଣ୍ଡି ବନ୍ଧକୁ ପୂଜା କରିବା ବି ଶୁଭଫଳ ଦେଇଥାଏ।

✲ ଘରର ଏରୁଣ୍ଡି ବନ୍ଧ ଯେମିତି ଭାଙ୍ଗି ନଥାଏ କିମ୍ବା ଫାଟି ନଥାଏ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ ୨୩-୨୯

**ମେଷ**: ଆକସ୍ମିକ ଦୂରଯାତ୍ରା, ପରିବାରରେ ବିବାଦ, ଦ୍ୱନ୍ଦ୍ୱରେ ପଡିପାରନ୍ତି, ମାନସିକ ବ୍ୟଥାନୁଭବ, ମଧ୍ୟସ୍ଥତା କରନ୍ତୁ ନାହିଁ, ତିକ୍ତତାର ସମାଧାନ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ ମିତ୍ରତା ସୃଷ୍ଟି, ବ୍ୟବସାୟିକ ସଫଳତା, ସଭାସମିତିକୁ ଆହ୍ୱାନ ॥

**ବୃଷ**: ଅର୍ଥାଭାବରୁ ଅଶାନ୍ତି, କାମ ଅସମ୍ପୂର୍ଣ୍ଣ ରହିଯିବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ, ଦୁଃସାହସିକ କାର୍ଯ୍ୟରୁ ପ୍ରଶଂସା, ବିବାଦକୁ ନିମନ୍ତ୍ରଣ କରିପାରନ୍ତି, ପଡୋଶୀଙ୍କ ଅପପ୍ରଚାର, ଯାନବାହନରେ ତ୍ରୁଟି, ସମସ୍ୟା ସମାଧାନ ॥

**ମିଥୁନ**: ବନ୍ଧୁମିଳନରୁ ଆନନ୍ଦ, ଭ୍ରାତୃବର୍ଗରେ ମତାନ୍ତର, ନୂତନ ଗୃହାରମ୍ଭ, ବ୍ୟାଙ୍କଲୋନ୍ ପାଇବେ, ପାରିବାରିକ ଶାନ୍ତି, ପଡୋଶୀଙ୍କ ସହ କଳହ, ଅତୀତଘଟଣାର ଅନୁଚିନ୍ତା, ସ୍ୱାସ୍ଥ୍ୟହାନୀ ଘଟିପାରେ ॥

**କର୍କଟ**: ମକଦ୍ଦମାରେ ବାଇଦା, ପ୍ରତିଯୋଗିତାରେ ସଫଳତା, ନିଷ୍ପତି ବଦଳାଇପାରନ୍ତି, କାମଟି ଅସମ୍ପୂର୍ଣ୍ଣ ରହିବ, ଅପରିଚିତଙ୍କ ସକାଶେ ବ୍ୟସ୍ତତା, ଅବହେଳିତ କାମରୁ ଅନୁତାପ, ମନ ଭାରାକ୍ରାନ୍ତ ରହିବ ॥

**ସିଂହ**: ମାନସିକ ଅସ୍ଥିରତା, କାର୍ଯ୍ୟରେ ଅସଫଳତା, ନିରୁତ୍ସାହୀ ରହିବେ, ବନ୍ଧୁଙ୍କ ପ୍ରତିଶ୍ରୁତି, ଟେନସନ୍ ଦୂର ହେବ, ମାମଲା ଶୁଣାଣିରେ ବିଳମ୍ବ,ବ୍ୟବସାୟିକ ସଫଳତା, ଖାଦ୍ୟପେୟରେ ଅନିୟମିତତା, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ ॥

**କନ୍ୟା**: କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମାନସିକ ଶାନ୍ତି, ଦୂରଯାତ୍ରାରେ ସଫଳତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପଡୋଶୀଙ୍କ ସମାଲୋଚନା, ଅପ୍ରିୟସତ୍ୟ ଭାଷଣରୁ କଳହ, ଆର୍ଥିକ ଅନଟନ, କାମ ବାଧାପ୍ରାପ୍ତ ହୋଇପାରେ, ଅନୁତାପ କରିପାରନ୍ତି ॥

**ତୁଳା**: ଚେଷ୍ଟା ସଫଳ ହେବ, ଆର୍ଥିକ ଅଭିବୃଦ୍ଧି, ପରିବାରରେ ଭୁଲ୍ ବୁଝାମଣା, ଧର୍ମଚର୍ଚ୍ଚାରେ ନିମଗ୍ନ ରହିବେ, ରାଜନୀତିରେ ଉଚ୍ଚପଦବୀ, ସୁଯୋଗ ଆପଣା ଛାଏଁ ଆସିବ, ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ , ପରିସ୍ଥିତିକୁ ସୁଧାରି ନେବେ ॥

**ବିଛା**: କାମ ଠିକ୍ ଠିକ୍ ହୋଇଯିବ, ଚୁପ୍‌ଚାପ୍ କଥାର ଗୁଜବ, ବନ୍ଧୁ କଥାରେ ପ୍ରଭାବିତ, ରାଜନୈତିକ ସମୀକ୍ଷା,ଯୋଜନା ବିଗିଡି ଯାଇପାରେ, ପଡୋଶୀଙ୍କ ପରାମର୍ଶ, ବୃଥା ଶଙ୍କା କରିପାରନ୍ତି, ଫାଇଲ୍ କାମ ବୃଦ୍ଧି, ବିବାଦୀୟ ଘଟଣା, ସରକାରୀ ସହାୟତା ॥

**ଧନୁ**: ଦିନଟି ଭଲ ରହିବ, କାର୍ଯ୍ୟ ହାସଲ କରିବେ, ସଫଳତାରେ ଆନନ୍ଦ, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ଅନ୍ୟ ମନସ୍କ ରହିବେ, ପରିବାରରୁ ସହଯୋଗ, ଋଣଗ୍ରସ୍ତ ହେବେ, ଭ୍ରାତୃ ସମ୍ପର୍କହାନୀ, ଜମିଜମା ବିବାଦ, ସନ୍ତାନଙ୍କ ଗୌରବ, ରୋଗପୀଡା କମିବ ॥

**ମକର**: ସମସ୍ୟାର ସମାଧାନ, ବୁଝାମଣା ଠିକ୍ ରହିବ, ଉପର ଅଧିକାରୀଙ୍କ ପରାମର୍ଶ, ଜିଦ୍‌ଖୋର ପ୍ରବୃତ୍ତିରୁ ଅନର୍ଥ, ସୁସମ୍ପର୍କ ବ୍ୟାହତ ହେବ, ନୂତନ ଯୋଜନାରମ୍ଭ, ପରୋକ୍ଷ ଶତ୍ରୁତା, ଅଭିଳାଷପୂରଣ ହୋଇଯିବ, ବନ୍ଧୁଙ୍କ ଭୁଲ୍ ଧାରଣା,ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି ॥

**କୁମ୍ଭ**: ସୁଯୋଗ ଆସିପାରେ, ସାହାଯ୍ୟ ସହଯୋଗ ମିଳିବ, ସହକର୍ମୀଙ୍କ ସହ ତିକ୍ତତା, କାର୍ଯ୍ୟ ବ୍ୟସ୍ତତା, ଦୁଃସାହସିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ପ୍ରେରଣା, ଫଳପ୍ରଦ ଆଲୋଚନା, ପ୍ରକାଶନରେ ଦ୍ୱନ୍ଦ୍ୱ, ସାମ୍ବାଦିକତାରୁ ଗୌରବ, ସତ୍‌ସଙ୍ଗର ସୁଯୋଗ ॥

**ମୀନ**: ସହକର୍ମୀଙ୍କ ସହାନୁଭୂତି, ନୂତନସମ୍ପର୍କ ସୃଷ୍ଟି, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ ବିଶୃଙ୍ଖଳା, ଧାରକରଜ କରିବେ, ଲୋକସମ୍ପର୍କ ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ପାରିବାରିକ ସହମତି, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶାସନିକ ସଫଳତା ॥

## ଆକ୍ୱାରିୟମ୍ ରଖୁଥିଲେ



ଘରେ ଆକ୍ୱାରିୟମ୍ ରଖିଲେ ବହୁତ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏଥିପାଇଁ କିଛିଟା ବାସ୍ତୁ ନିୟମ ଜାଣିବା ବି ଜରୁରୀ...

✲ଆକ୍ୱାରିୟମ୍‌ରେ ସର୍ବଦା ୯ଟି ମାଛ ରଖିବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ତନ୍ମଧ୍ୟରୁ ୮ଟି ଗୋଲ୍ଡ ଫିଶ୍ ଓ ଗୋଟିଏ କଳା ମାଛ ରହିବା ଆବଶ୍ୟକ।

✲ ଗୋଲ୍ଡ ଫିଶ୍‌କୁ ଧନର ପ୍ରତୀକ କୁହାଯାଉଥିବା ବେଳେ କଳାମାଛଟି ସୁରକ୍ଷାର ପ୍ରତୀକ ହୋଇଥାଏ ; ଯାହା ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଉର୍ଜ୍ଜାକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ।

✲ ତେଣୁ ଆକ୍ୱାରିୟମ୍‌ରେ ଥିବା କଳାମାଛଟି ଯଦି କେବେ ମରିଯାଏ ; ତୁରନ୍ତ ଆଉ ଗୋଟିଏ କଳାମାଛ ଆଣି ସେଥିରେ ରଖିଦେବା ବିଧେୟ।

✲ ତା'ସହିତ ମରି ଯାଇଥିବା କଳା ମାଛଟିକୁ ଏଣେତେଣେ ନ ଫୋପାଡି ଚଳନ୍ତା ପାଣିରେ ଭସାଇଦେବେ ନଚେତ୍ ମାଟିଖୋଳି ପୋତିଦେବା ଆବଶ୍ୟକ।

✲ ଗୋଲ୍ଡ ଫିଶ୍ କ୍ଷେତ୍ରରେ ବି ସେମିତି କରିପାରିବେ। ଅର୍ଥାତ୍ ସବୁବେଳେ ଦେଖିବେ, ଆକ୍ୱାରିୟମ୍‌ରେ ଯେମିତି ୯ଟି ମାଛ ରହୁଥିବେ, ଗୋଟେ କମ୍ କି ଗୋଟେ ବେଶୀ ନୁହେଁ। ଏପରି କଲେ ଘରର ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

✲ ରୋଶଣି କରି ବର ଆସେ। ପୁଣି ବୈଦିକ ରୀତିନୀତିରେ କନ୍ୟା ସହ ବରର ବେଦୀରେ ବାହାଘର ହୁଏ। ବନ୍ଧୁବାନ୍ଧବ, ଭୋଜିଭାତରେ ସାରା ଗାଁ ହୁଏ ଉତ୍ସବମୁଖର। ତେବେ ଏହି ସତସତିକା ବାହାଘରରେ ବରକନ୍ୟା କିନ୍ତୁ କଣ୍ଢେଇ। ରଜ ସମୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦେଖିବାକୁ ମିଳେ ଏହି ବାହାଘର। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଛୁଟିଦିନରେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କଣ୍ଢେଇ ବାହାଘର'ଟି ବେଶ୍ ମନଛୁଆଁ ହୋଇଥିଲା। 'ଘଣ୍ଟାକୁ ନେଇ ବାସ୍ତୁ ବିଶ୍ୱାସ', 'ସ୍ୱାସ୍ଥ୍ୟପ୍ରଦ ପିଜୁଳି' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*– ମୌସୁମୀ ବାରିକ, ଝାରପଡ଼ା, ଭୁବନେଶ୍ୱର*

✲ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କଣ୍ଢେଇ ବାହାଘର'ଟି ଏକ ନିଆରା ତଥା ମଜାଦାର ଆଲେଖ୍ୟ ଥିଲା। ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଅଭିନେତ୍ରୀ ଲିପିକା ପରିଡ଼ାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ପ୍ରଥମ ତିନି ଚିକିତ୍ସିକାଙ୍କ କଥା'କୁ ନେଇ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇଥିବା ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ବାବୁ ବେହେରା, ଖଲ୍ଲିକୋଟ*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ସାଥୀ' ଓ 'ଭିଜାମାଟିର ବାସ୍ନା' ଶୀର୍ଷକ ଗପ ଓ କବିତାଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ସାରା ଅଲି ଖାଁଙ୍କ ଫଟୋଟି ସୁନ୍ଦର ଦେଖାଯାଉଥିଲା। ତା'ଛଡ଼ା 'ରହସ୍ୟ ଖୋଲିଲେ ଟାଇଗର', 'ଦିଶା ଯାହା ଚାହୁଁଥିଲେ', 'କେତେ ସତ କେତେ ମିଛ' ଶୀର୍ଷକ ସିନେମା ଲେଖାଗୁଡ଼ିକ ମନଛୁଆଁ ଥିଲା। ସାହିତ୍ୟିକ ଓ ସମାଜସେବୀ ସବ୍ୟସାଚୀ ବିଷୋୟୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

*– ସୁଜିତ୍ କୁମାର, ସୋର, ବାଲେଶ୍ୱର*

✲ ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ଫ୍ୟାଶନେବଲ୍ ଚାନ୍ଦବାଲି ଇୟର୍ ରିଂ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଆରୋହୀ ବେଶ୍ ସୁନ୍ଦର ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ ଉଲାର୍ ଲେକ୍ ସମ୍ପର୍କରେ ବହୁ ଅଜଣା ତଥ୍ୟ ଜାଣିବାକୁ ମିଳିଥିବାରୁ ଖୁସି ଲାଗିଲା।

*– ତନ୍ମୟ ଦାଶ, ମୟୂରଭଞ୍ଜ*

✲ ବିବିଧା ପୃଷ୍ଠାରେ ସ୍ଥାନିତ 'ରକ୍ତଦାନର କଥା' ଶୀର୍ଷକ ଆଲେଖ୍ୟଟି ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଲୁହର ପୁଞ୍ଜି' ଶୀର୍ଷକ ଲେଖାଟି ପ୍ରେରଣାଦାୟୀ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦୋଳି ଝୁଲି ଝୁଲି ରେକର୍ଡ', 'ଚକୋଲେଟ୍ କାରିଗରି', 'ଏତେ ବଡ଼ ବାଇକ୍' ଶୀର୍ଷକ ପାଠଗୁଡ଼ିକ ବି ବେଶ୍ ନିଆରା ଥିଲା।

*– ଶ୍ରୀଧର ଷଡ଼ଙ୍ଗୀ, ବଲାଙ୍ଗିର*





### ବିଶେଷ ଚିଠି

କଣ୍ଢେଇ ବାହାଘର ଶୀର୍ଷକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ନିଆରା
ମନେଭରିଲା ଅପୂର୍ବ ଆନନ୍ଦ।
ତା' ସାଙ୍ଗକୁ ପୁଣି ଥିଲା
ଚାନ୍ଦବାଲି ଇୟର ରିଂର ଫ୍ୟାଶନ
ମନ କିଣି ନେଉଥିଲା ପୁଣି
ବ୍ୟାକ୍‌ପେଜ୍‌ର ଲେଖାମାନ।
ସତରେ ଛୁଟିଦିନ
ତୁମ ଷୋହଳ ପୃଷ୍ଠା ଲାଗେ ଭାରି ଉତ୍ତମ।

*– ପ୍ରିୟଙ୍କା ମିଶ୍ର, ମାଟିଆପଡ଼ା, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମୋହ ମୁକ୍ତି

ବେଳେ ବେଳେ ସମୟ ଏମିତି ଆସେ ମଣିଷ ସଫଳତାର ଶୀର୍ଷ ଛୁଏଁ । ଦିନେ ସେ ଯାହା ପାଇବାକୁ ସ୍ୱପ୍ନ ଦେଖିଥାଏ ସେସବୁ ଆସି ତା' ପାଦ ତଳେ ଅଜାଡ଼ି ହୋଇଯାଏ। ମାନ ସମ୍ମାନ, ପ୍ରତିପତ୍ତିର ସେ ଅଧିକାରୀ ହୁଏ । ତଥାପି ମନରେ କେଉଁଠି ନା କେଉଁଠି ରହେ ଏକ ଶୂନ୍ୟତା ଓ ପ୍ରକୃତ ସୁଖର ଅଭାବବୋଧ । ତେଣୁ ସେ ଖୋଜିବାକୁ ଲାଗେ ପ୍ରକୃତ ସୁଖର ମାର୍ଗ ।  ଏମିତିରେ ସେ ହୃଦ୍‌ବୋଧ କରେ ପ୍ରକୃତ ସୁଖ କେବଳ ଥାଏ ଆଧ୍ୟାତ୍ମିକତାରେ। ତେଣୁ ସବୁ ମୋହରୁ ମୁକ୍ତ ହୋଇ ସେ ଚାଲିଯାଏ ସେହି ମାର୍ଗରେ... ପ୍ରକୃତ ସୁଖର ସନ୍ଧାନରେ..। ଯାହାଙ୍କ ମଧ୍ୟରେ ଅଛନ୍ତି ଗ୍ଲାମର ଜଗତର ତାରକାଙ୍କଠାରୁ ଆରମ୍ଭ କରି ନାମୀ ବିଜନେସ୍ ଟାଇକୁନ୍ ପର୍ଯ୍ୟନ୍ତ..



ମମତା କୁଲକର୍ଣ୍ଣୀ

**୪୦,୦୦୦ କୋଟିର ସମ୍ପତ୍ତି ଛାଡ଼ି ହେଲେ ସନ୍ନ୍ୟାସୀ:** ଟେଲିକମ୍ ଟାଇକୁନ ତଥା ବିଲିୟନେୟାର ଆନନ୍ଦ କ୍ରିଷ୍ଣନଙ୍କର ୪୦,୦୦୦ କୋଟି ଟଙ୍କାର ଟେଲିକମ୍ ଏମ୍ପାୟର । ଟେଲିକମ୍ ଇଣ୍ଡଷ୍ଟ୍ରୀ ବାଦ୍ ମିଡିଆ, ଅଏଲ ଆଣ୍ଡ ଗ୍ୟାସ୍, ରିୟଲ ଇଷ୍ଟେଟ ଓ ସାଟେଲାଇଟ୍ ଭଳି ବିଭିନ୍ନ ବିଜନେସ୍ ବି ତାଙ୍କର ରହିଛି। ସେ ମାଲେସିଆର ତୃତୀୟ ଧନୀ ଭାବେ ମଧ ପରିଚିତ। ଆନନ୍ଦଙ୍କର ଏହି ବଡ଼ ବିଜନେସ୍ ଏମ୍ପାୟରର ଦାୟାଦ ହେଉଛନ୍ତି ତାଙ୍କର ଏକମାତ୍ର ପୁଅ 'ଅଜାନ ସିରିପାନ୍ୟୋ'। ଅଜାନଙ୍କ ମା' ରାଜ ପରିବାରର ଥିବାରୁ ଅଜାନ ରାଜବଂଶର ଦାୟାଦ ବି ଥିଲେ। ଅଜାନଙ୍କ ଜୀବନ ଆଭିଜାତ୍ୟସମ୍ପନ୍ନ ଥିଲା। ସେ ଭଲ ପଢୁଥିଲେ ମଧ। ୮ଟି ଭାଷା ଜାଣିଥିଲେ। କିନ୍ତୁ ତିରିଶ ବର୍ଷ ବୟସ ହେବାବେଳକୁ ନିଜ ଜୀବନ ପ୍ରତି ତାଙ୍କର ଅସନ୍ତୁଷ୍ଟ ଭାବ ଉପୁଜ ହେଲା। ସେ ଆଧ୍ୟାତ୍ମିକ ରାସ୍ତାରେ ଯାଇ ମାନସିକ ଶାନ୍ତି ଖୋଜିବାକୁ ଲାଗିଲେ। ଏକାନ୍ତବାସ ଆପଣାଇଲେ। ଏହି ସମୟରେ ସେ ସନ୍ନ୍ୟାସୀ ଭଳି ରହିଲେ, ଯାହାକି ତାଙ୍କୁ ବହୁତ ଭଲ ଲାଗିଥିଲା। ଅସ୍ଥାୟୀଭାବେ ବିତାଇଥିବା ସନ୍ନ୍ୟାସୀ ଜୀବନ ତାଙ୍କୁ ଏତେ ଭଲ ଲାଗିଥିଲା ଯେ, ପରବର୍ତ୍ତୀ ସମୟରେ ସେ ସ୍ଥାୟୀଭାବେ ବୌଦ୍ଧ ଧର୍ମ ଅବଲମ୍ବନ କରି ବୌଦ୍ଧ ଭିକ୍ଷୁ ପାଲଟିଗଲେ। ବାପାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତିକୁ ଛାଡି ଭିକ୍ଷା ମାଗି ସାଦାସିଧା ଜୀବନ ଜିଇବାକୁ ପସନ୍ଦ କଲେ। ଏବେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ସେ ବୌଦ୍ଧ ଭିକ୍ଷୁ ଜୀବନ ବିତାଉଛନ୍ତି। ସେ ଥାଇଲାଣ୍ଡର ଦତାଓ ଦମ୍ ମଠର ମଠାଧୀଶ ଅଛନ୍ତି।

**ବୋଲ୍ଡ ନାୟିକା, ଡ୍ରଗ୍ସ କ୍ୱାମ୍ରୁ ସନ୍ନ୍ୟାସିନୀ:** ନବେ ଦଶକର ସେ ଚର୍ଚ୍ଚିତ ନାୟିକା। 'କ୍ରାନ୍ତିବୀର', 'ଓ୍ୱକ୍ତ ହମାରା ହେ', 'କରନ୍ ଅର୍ଜୁନ', 'ସବ୍‌ସେ ବଡ଼ା ଖିଲାଡ଼ି' ପରି ସୁପରହିଟ୍ ଚଳଚ୍ଚିତ୍ରରେ କାମ କରି  ବଲିଉଡ଼ର ଟପ୍ ଆକ୍ଟ୍ରେସ୍ ପାଲଟି ଯାଇଥିଲେ। ତାଙ୍କ ବୋଲ୍ଡ ଅନ୍ଦାଜ୍ ଦର୍ଶକଙ୍କ ମନ ଜିଣୁଥିଲା। ଶାହରୁଖ ଖାନ୍, ଆମିର ଖାନ୍, ସଲମାନ ଖାନ୍, ଗୋବିନ୍ଦା, ମିଥୁନ ଚକ୍ରବର୍ତ୍ତୀ, ଅନିଲ କପୁର, ସଞ୍ଜୟ ଦତ୍ତଙ୍କ ପରି ସୁପରଷ୍ଟାରଙ୍କ ସହ ସେ କାମ କରିଥିଲେ। ସେ ହେଉଛନ୍ତି 'ମମତା କୁଲକର୍ଣ୍ଣୀ'। ମମତା ରିଲ୍ ଲାଇଫ୍‌ରେ ଯେତିକି ଚର୍ଚ୍ଚିତ ଥିଲେ ତାଙ୍କ ରିୟଲ ଲାଇଫ୍ ବି ଥିଲା ସେତିକି ବିବାଦୀୟ। ଆଉ ଧୀରେ ଧୀରେ ତାଙ୍କର ବିବାଦସବୁ ତାଙ୍କର ପତନର କାରଣ ବି ସାଜିଲା। ୧୯୯୨ରେ ସେ 'ତିରଙ୍ଗା' ଚଳଚ୍ଚିତ୍ରରୁ ବଲିଉଡରେ ପାଦ ଥାପିଥିଲେ। ୧୯୯୩ରେ ସେ ଷ୍ଟାରଡଷ୍ଟ ମାଗାଜିନ୍ ପାଇଁ ଟପ୍‌ଲେସ୍ ପୋଜ୍ ଦେଇ ହଇଚଇ ସୃଷ୍ଟି କରିଥିଲେ। ତେବେ ଖାଲି ତାଙ୍କର ବୋଲ୍ଡ ଅନ୍ଦାଜ ପାଇଁ ସେ ବିବାଦରେ ନ ଥିଲେ। କୁହାଯାଏ ତାଙ୍କର ଅଣ୍ଡରଓ୍ୱାର୍ଲ୍ଡ ସହ ଭଲ କନେକ୍ସନ ଥିଲା, ଯାହାର ପ୍ରମାଣ ସେତେବେଳେ ମିଳିଲା ଯେବେ ମମତାଙ୍କୁ କୌଣସି କାରଣରୁ ରାଜ କୁମାର ସନ୍ତୋଷୀ 'ଚାଇନା ଗେଟ୍'

→



ଅଜାନ ସିରିପାନ୍ୟୋ



ପ୍ରକାଶ ଶାହା


ସୁଚିତ୍ରା ସେନ୍


ଫାର୍ମାସ୍ୟୁଟିକାଲ ମାଗ୍ନେଟ୍ ଭୂପେନ୍ଦ୍ର ଦକଲିଆ ଓ ତାଙ୍କ ପରିବାର


ଚଳଚ୍ଚିତ୍ରରୁ ବାହାର କରିଦେଇଥିଲେ। ହେଲେ ପରେ ଛୋଟା ରାଜନ୍‌ଙ୍କ ହସ୍ତକ୍ଷେପ ଯୋଗୁ ମମତାଙ୍କୁ ପୁଣିଥରେ ଚଳଚ୍ଚିତ୍ରରେ ସାମିଲ କରାଯାଇଥିଲା। ଏହାପରେ ପୁଣିଥରେ ସେ ସେତେବେଳେ ଚର୍ଚ୍ଚାକୁ ଆସିଲେ ଯେବେ ସେ ଅନ୍ତର୍ଜାତୀୟ ଡ୍ରଗ୍ ମାଫିଆ ବିକ୍କି ଗୋସ୍ୱାମୀଙ୍କୁ ବିବାହ କଲେ। ୨୦୧୬ରେ ବିକ୍କି ଓ ମମତାଙ୍କୁ କେନ୍ୟା ଏୟାରପୋର୍ଟରେ ୨୦୦୦ କୋଟିର ଅନ୍ତର୍ଜାତୀୟ ଡ୍ରଗ୍ ର୍ୟାକେଟ୍ କେସ୍‌ରେ ଗିରଫ କରାଯାଇଥିଲା। ହେଲେ ସେ ଡ୍ରଗ ତସ୍କରୀରେ ନିଜର ସମ୍ପୃକ୍ତିକୁ ସଫା ସଫା ମନା କରିଥିଲେ। ରାଜ କୁମାର ସନ୍ତୋଷୀଙ୍କ ସହ ବିବାଦ ଏବଂ ଡ୍ରଗ୍ କେସ୍‌ରେ ଗିରଫ ହେବା ଏସବୁ ତାଙ୍କ ଫିଲ୍ମ କ୍ୟାରିୟର ଉପରେ ଗଭୀର ପ୍ରଭାବ ପକାଇଲା। ସେ ବଲିଉଡରୁ ଦୂରେଇଯାଇ ୧୨ ବର୍ଷ ଗୁପ୍ତ ଜୀବନ ଅତିବାହିତ କଲେ। ୨୦୧୩ରେ ତାଙ୍କର ଏକ ଫଟୋ ଭାଇରାଲ ହେଲା। ଯେଉଁଥିରେ ସେ ସନ୍ନ୍ୟାସିନୀ ବେଶରେ ଥିଲେ। ଅର୍ଥାତ୍ ସେ ସନ୍ନ୍ୟାସିନୀ ପାଲଟିଯାଇଥିଲେ। ପରେ ସେ 'ଅଟୋବାୟୋଗ୍ରାଫି ଅଫ ଆନ୍ ୟୋଗିନ' ନାମକ ପୁସ୍ତକ ଲେଖିଥିଲେ। ଯେଉଁଥିରେ ସେ ତାଙ୍କ ଜୀବନର ଅନେକ ଅଜଣା କଥା ବର୍ଣ୍ଣନା କରିଥିଲେ।

**ସୁଚିତ୍ରା ସେନ୍:** ସେ ଯେମିତି ସୁନ୍ଦର ଥିଲେ ତାଙ୍କ ଅଭିନୟ ତା'ଠୁ ଅଧିକ ସୁନ୍ଦର ଥିଲା। ଦିଲୀପ କୁମାର ଥିଲେ ତାଙ୍କର ଫ୍ୟାନ। ସେ ହେଉଛନ୍ତି ଭାରତୀୟ ସିନେମା ଇତିହାସର ସବୁଠାରୁ ଉଚ୍ଚକୋଟୀର ଅଭିନେତ୍ରୀ ସୁଚିତ୍ରା ସେନ୍। ତେବେ ସବୁଠୁ ବଡ଼ କଥା ହେଲା ବିବାହ କରିବା ଓ ଗୋଟେ ଝିଅର ମା' ହେବାପରେ ସେ ୧୯୫୨ ମସିହାରେ ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରିବା ଆରମ୍ଭ କରିଥିଲେ। ୧୯୫୫ ମସିହାରେ 'ଦେବଦାସ' ଚଳଚ୍ଚିତ୍ରରୁ ସେ ବଲିଉଡ଼ରେ ପାଦ ଥାପିଥିଲେ। ସେ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତ୍ରୀ ଯେ କି ୧୯୬୩ ମସିହାରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଫିଲ୍ମ ସମାରୋହରେ ପୁରସ୍କୃତ ହୋଇଥିଲେ। ୭୦ ଦଶକରେ ସେ ଅନେକ ହିଟ୍ ଫିଲ୍ମ ଦେଇଥିଲେ। ହେଲେ ପରିବାରକୁ ସମୟ ଦେଇ ନ ପାରିବାରୁ ତାଙ୍କ ବୈବାହିକ ଜୀବନରେ ଝଡ଼ ଆସିଥିଲା। ସ୍ୱାମୀ ତାଙ୍କୁ ଛାଡ଼ି ଚାଲି ଯାଇଥିଲେ। ପରେ ତାଙ୍କର ଦେହାନ୍ତ ବି ହୋଇଗଲା, ଯାହାର ପ୍ରଭାବ ସୁଚିତ୍ରାଙ୍କ ଉପରେ ପଡ଼ିଥିଲା। ୧୯୭୮ ମସିହାରେ ସୁଚିତ୍ରାଙ୍କ ଶେଷ ଫିଲ୍ମ 'ପ୍ରଣୟ ପାଶା' ବକ୍ସ ଅଫିସ୍‌ରେ ଅସଫଳ ହୋଇଥିଲା। ପରେ ସତ୍ୟଜିତ ରଏଙ୍କ ସହ ଚଳଚ୍ଚିତ୍ରର ଅଫର୍ ଆସିଥିଲା। ହେଲେ ତାକୁ ସେ ଗ୍ରହଣ କରି ନ ଥିଲେ। ଅନ୍ୟପଟେ ରାଜେଶ ଖାନ୍ନାଙ୍କ ସହ କରୁଥିବା ଫିଲ୍ମକୁ ବି ଅଧାରୁ ଛାଡ଼ିଦେଲେ। ଆଉ ଅଭିନୟ ଜଗତରୁ ସନ୍ନ୍ୟାସ ନେଇଗଲେ। ଏମିତିକି ସେ ସାର୍ବଜନୀକ ଜୀବନରୁ ବି ଦୂରେଇଗଲେ। ନିଜ କଲିକତା ଘରେ ବନ୍ଦୀଭାବେ ରହିଲେ। ପରିବାର ଲୋକେ ବି ତାଙ୍କୁ ଦେଖା କରିପାରୁ ନ ଥିଲେ। ସେ ଆଧ୍ୟାତ୍ମିକତାକୁ ଆପଣେଇ ନେଇ ରାମକୃଷ୍ଣ ମିଶନ ସହ ଜଡ଼ିତ ହୋଇଗଲେ। ଏହାପରେ ୩୫ ବର୍ଷ ପର୍ଯ୍ୟନ୍ତ ତାଙ୍କୁ କେହି ଆଉ ଦେଖି ନାହାନ୍ତି। ୨୦୧୩ରେ ଲଙ୍ଗ୍‌ସ ସଂକ୍ରମଣ ପାଇଁ ସୁଚିତ୍ରାଙ୍କୁ ହସ୍ପିଟାଲରେ ଆଡମିଟ କରାଯାଇଥିଲା। ଚିକିତ୍ସା ସମୟରେ ବି କେହି ତାଙ୍କୁ ଯେମିତି ନ ଦେଖି ପାରନ୍ତି ସେ ବ୍ୟବସ୍ଥା ହୋଇଥିଲା। ୨୦୧୪ ଜାନୁୟାରୀ ୧୭ରେ ତାଙ୍କର ମୃତ୍ୟୁ ହେଲା। ଅନ୍ତିମ ସଂସ୍କାରବେଳେ ଯେମିତି ତାଙ୍କ ମୁହଁ କାହାକୁ ଦେଖା ନ ଯାଏ ସେଥିପ୍ରତି ଧ୍ୟାନ ଦିଆଯାଇଥିଲା। କୁହାଯାଏ ସୁଚିତ୍ରା ଦିନେ କହିଥିଲେ, 'ମୁଁ ଜଣେ ଅଭିନେତ୍ରୀ। ମୋତେ କେବଳ ସ୍କ୍ରିନ ଉପରେ ହିଁ ଦେଖିବା ଉଚିତ।' ଅର୍ଥାତ୍ ସେ ତାଙ୍କର ଯୁବା ଚେହେରା ଦର୍ଶକଙ୍କ ମନରେ ଛାପ ଛାଡ଼ିବାକୁ ଚାହୁଁଥିଲେ। ଆଉ ତାଙ୍କ ପରିବାର ଲୋକେ ଏଥିପ୍ରତି ପୂରା ଧ୍ୟାନ ଦେଇଥିଲେ।


ବର୍ଖା ମଦାନ

**ଗ୍ଲାମର୍ ଗାର୍ଲରୁ ବୌଦ୍ଧ ସନ୍ନ୍ୟାସିନୀ:** ବର୍‌ଖା ମଦାନ, ଗ୍ଲାମରସ ମଡେଲଭାବେ ସେ ଥିଲେ ବେଶ୍ ପରିଚିତ। ୧୯୯୪ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ସେ ସୁସ୍ମିତା ସେନ ଓ ଐଶ୍ୱର୍ଯ୍ୟା ରାୟଙ୍କୁ ଦେଇଥିଲେ କଡ଼ା ଟକ୍କର। ପରେ ଅକ୍ଷୟ କୁମାରଙ୍କ ସହ 'ଖିଲାଡିଓଁ କା ଖିଲାଡି'ରେ ବଲିଉଡ଼ରେ ପାଦ ରଖିଥିଲେ। 'ଭୂତ୍' ଚଳଚ୍ଚିତ୍ରରେ ସେ ସାଉଁଟିଥିଲେ ଅଜସ୍ର ପ୍ରଶଂସା। ଏହାପରେ ସେ ଅନେକ ଚଳଚ୍ଚିତ୍ରରେ କାମ କଲେ। ପରେ ୨୦ରୁ ଉର୍ଦ୍ଧ୍ୱ ଟିଭି ଶୋ' ବି କରିଛନ୍ତି। ଏତେ ସଫଳତା ପାଇବା ଓ ଗ୍ଲାମର୍ ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ସତ୍ତ୍ୱେ ହଠାତ୍ ୨୦୧୨ରେ ବର୍‌ଖା ଘୋଷଣା କଲେ ଯେ, ସେ ଅଭିନୟରୁ ସନ୍ନ୍ୟାସ ନେଉଛନ୍ତି ଓ ବଲିଉଡକୁ ଛାଡୁଛନ୍ତି। କେହି ବିଶ୍ୱାସ କରିପାରିଲେ ନାହିଁ ଏ କଥାକୁ। କାରଣ ସେ ସମୟରେ ତାଙ୍କ ପାଖକୁ ଆସୁଥିଲା ଫିଲ୍ମ ପାଇଁ ଅନେକ ଅଫର୍। ହେଲେ ସେ ଏ ଅଫର୍‌ସବୁକୁ ଆଡ଼େଇ ଲାମା ଜୋପା ରିନପୋଚେଙ୍କ ତତ୍ତ୍ୱାବଧାନରେ ପାଲଟିଗଲେ ବୌଦ୍ଧ ସନ୍ନ୍ୟାସିନୀ। ଆଉ ନିଜ ନାମକୁ ବଦଳାଇ ରଖିଲେ ଭେନ ଗ୍ୟାଲତେନ୍ ସାମତେନ। ପିଲାଟି ଦିନୁ ବରଖା ବୌଦ୍ଧ ଧର୍ମ ସହ ଜଡ଼ିତ ଥିଲେ। ଷଷ୍ଠ ଶ୍ରେଣୀରେ ସେ ଥରେ ସିକ୍କିମର ବୌଦ୍ଧ ମଠକୁ ଯାଇଥିଲେ। ସେହି ପରିବେଶ ତାଙ୍କୁ ବହୁତ ଭଲ ଲାଗିଥିଲା। ବଲିଉଡ୍‌ରେ କାମ କରିବା ସମୟରେ ବି ସେ ଆଉ ଥରେ ସେହି ବୌଦ୍ଧ ମଠକୁ ଯାଇଥିଲେ। ଏଥର ସେ ବୌଦ୍ଧଧର୍ମକୁ ଖୁବ୍ ଗଭୀରଭାବେ ଅନୁଭବ କରିଥିଲେ। ଖାସ୍‌କରି ଦଲାଇ ଲାମାଙ୍କ ପ୍ରଭାବ ତାଙ୍କ ଉପରେ ବହୁତ ପଡ଼ିଥିଲା। ଆଉ ବରଖା ବୌଦ୍ଧଧର୍ମକୁ ଭଲ ପାଇ ବସିଲେ। ଥରେ ଏକ ଇଣ୍ଟରଭ୍ୟୁରେ ସେ କହିଛନ୍ତି, 'ମୁଁ ଅଭିନୟ ଛାଡ଼ି ବୌଦ୍ଧଧର୍ମ ଗ୍ରହଣ କରି ବୌଦ୍ଧ ସନ୍ନ୍ୟାସିନୀ ହେବା କଥା ମୋ ବାପା ମା'ଙ୍କୁ ଜଣାଇଥିଲି। ଆଉ ସେମାନେ ମୋତେ ସମ୍ପୂର୍ଣ୍ଣ ସହଯୋଗ ବି କରିଥିଲେ। ଫଳରେ ମୁଁ ସବୁକିଛି ତ୍ୟାଗ କରି ବୌଦ୍ଧ ସନ୍ନ୍ୟାସିନୀ ପାଲଟିଗଲି।' ଏବେ ବି ବର୍‌ଖା ତିବ୍ବତର ସେରା ଜେ ମଠରେ ଶାନ୍ତିରେ ସନ୍ନ୍ୟାସିନୀଭାବେ ଜୀବନଯାପନ କରୁଛନ୍ତି।

**ଶ୍ରୀରାମ ପଣ୍ଡାରୁ ସ୍ୱାମୀ ନିତ୍ୟ ଚୈତନ୍ୟ:** ଯାଯାବର ମନ ମୋର..., ମୁଁ ପରଦେଶୀ ଚଢ଼େଇ... ଏଇ ଗୀତସବୁକୁ ଯେତେ ଶୁଣିଲେ ବି ଯେମିତି ମନ ଭରେନା। ଏଥିରେ ଅଭିନୟ କରିଥିବା ହ୍ୟାଣ୍ଡସମ୍ ହିରୋ ଶ୍ରୀରାମ ପଣ୍ଡାଙ୍କ ଅଭିନୟର ଯାଦୁକରୀ ବି ସେମିତି। ଯାହାକୁ ଆଜିଯାଏ କେହି ମନରୁ ଲିଭାଇପାରି ନାହାନ୍ତି। ସବୁ ଓଡ଼ିଆଙ୍କ ମନରେ ଏବେ ବି ତାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ସ୍ଥାନ। କାରଣ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ସେ ହେଉଛନ୍ତି ପ୍ରଥମ ସୁପରଷ୍ଟାର। ବଲିଉଡ ହିରୋଙ୍କୁ ଟକ୍କର ଦେବାଭଳି ଅଭିନେତା ଥିଲେ ସେ। ହେଲେ କ୍ୟାରିୟରର ଶୀର୍ଷରେ ପହଞ୍ଚିଥିବା ଶ୍ରୀରାମ କିନ୍ତୁ ହଠାତ୍ ୨୦ ବର୍ଷର କ୍ୟାରିୟରକୁ ତ୍ୟାଗ କରି ୧୯୯୨ ମସିହାରେ ଉଭାନ ହୋଇଗଲେ ସିନେ ଜଗତରୁ। ସେ ବାଛିନେଇଥିଲେ ଆଧ୍ୟାତ୍ମିକ ରାସ୍ତା। ଆଉ ପାଲଟିଗଲେ ସ୍ୱାମୀ ନିତ୍ୟ ଚୈତନ୍ୟ। ହେଲେ ସେ ଏମିତି କାହିଁକି କଲେ ତା'ର ଉତ୍ତରରେ ଥରେ ସେ ଏକ ଇଣ୍ଟରଭ୍ୟୁରେ କହିଥିଲେ–ପ୍ରାରବ୍ଧ, ଜନ୍ମ ଜନ୍ମାନ୍ତରର କର୍ମ ସଂସ୍କାର, ଅଦୃଶ୍ୟ ଶକ୍ତିର ନିୟନ୍ତ୍ରଣ, ଆଶ୍ଚର୍ଯ୍ୟ ଚକିତ ଘଟଣାବଳୀର ଅନୁଭବ, ନାନା ଚକ୍ରାନ୍ତ ସହ ଜୀବନ ଯନ୍ତ୍ରଣାର ସୁନାମି ମୋ ଜୀବନରେ ଆସିଥିଲା। ଅଭିନେତାଭାବେ ସଫଳତା ପାଇବା ପରେ ମୁଁ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେବାକୁ ମନ ବଳେଇଥିଲି। ତେଣୁ 'କୁରୁକ୍ଷେତ୍ର' ଚଳଚ୍ଚିତ୍ରର ପ୍ରଯୋଜକ ହେବା ସହ ତା'ର ନିର୍ଦ୍ଦେଶନା ଦେଲି। ହେଲେ ତାହା ସଫଳ ହେଲାନି। ତା' ପଛରେ ବି ଥିଲା କିଛି ଚକ୍ରାନ୍ତ। ଅନ୍ୟପଟେ ମୁଁ ଜଣେ ପେସାଦାର ବ୍ୟବସାୟୀ ନ ଥିଲି। ତେଣୁ ଆର୍ଥିକସ୍ଥିତି ସହ ମୋର ମାନସିକ ସ୍ଥିତି ବି ଦୋହଲି ଯାଇଥିଲା। ଏଭଳି ସ୍ଥିତିରେ ୧୯୯୦ରେ ମୁଁ ପାଇଥିଲି ଗୁରୁ ସ୍ୱାମୀ ନିରଞ୍ଜନାନନ୍ଦ ସରସ୍ୱତୀଙ୍କ ସାନ୍ନିଧ୍ୟ। →



ଶ୍ରୀରାମ ପଣ୍ଡା



ସେ ସମୟରେ କିଛି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେବା ପାଇଁ ଅଫର୍ ବି ଥିଲା। ହେଲେ ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱ ମୋତେ ଶକ୍ତି ଦେଇଥିଲା ସେ କଠିନ ସମୟରୁ ବାହାରିବା ପାଇଁ। ତେଣୁ ମୁଁ ଢଳି ଯାଇଥିଲି ଆଧ୍ୟାତ୍ମିକ ମାର୍ଗକୁ। ମୁଙ୍ଗେରର ସତ୍ୟାନନ୍ଦ ଯୋଗାଶ୍ରମରେ ଯାଇ ରହିଲି। ଯୋଗକୁ ଜୀବନର ବ୍ରତ କଲି।'

ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି କୁହନ୍ତି, ଶ୍ରୀରାମ ପଣ୍ଡା 'କୁରୁକ୍ଷେତ୍ର' ଚଳଚ୍ଚିତ୍ରର ପ୍ରଯୋଜନା ସହ ନିର୍ଦ୍ଦେଶନା ବି ଦେଇଥିଲେ। ହେଲେ ଚଳଚ୍ଚିତ୍ରଟି ସଫଳ ହେଲାନି। ସେ କରଜଗ୍ରସ୍ତ ହେବାସହ ତାଙ୍କ ଆର୍ଥିକସ୍ଥିତି ବହୁତ ଖରାପ ହେଇଗଲା। ତେଣୁ କୁହାଯାଇପାରେ ଏହି ଘଟଣା ଯୋଗୁ ଚଳଚ୍ଚିତ୍ର ଜଗତରୁ ତାଙ୍କର ମୋହ ଭାଙ୍ଗି ଯାଇଥିଲା ଓ ସେ ସିନେ ଜଗତକୁ ଛାଡି ଆଧ୍ୟାତ୍ମିକ ଦିଗକୁ ଚାଲିଯାଇଥିଲେ। ସେହିଭଳି ସିନେଜଗତର ଆଉ ଜଣେ କଳାକାର ବିବେକ ଶତପଥୀ ଯେକି 'ବାଜେ ବଇଁଶୀ ନାଚେ ଘୁଙ୍ଗୁର' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସେ ବି ସନ୍ନ୍ୟାସ ନେଇଛନ୍ତି। ପ୍ରେମରେ ବିଫଳ ହେବା ପରେ ସେ ଏହି ରାସ୍ତା ଆପଣେଇଥିଲେ।


**ମିଲିୟନେୟାର ପରିବାର ପାଲଟିଲେ ଜୈନ ସନ୍ନ୍ୟାସୀ:** ଛତିଶଗଡ଼ର ରାଜନନ୍ଦଗାଁ। ଏଠାରେ ରୁହନ୍ତି ଫାର୍ମାସ୍ୟୁଟିକାଲ ମାଗ୍ନେଟ୍ ଭୂପେନ୍ଦ୍ର ଦକଲିଆ ଓ ତାଙ୍କ ପରିବାର। ଭୂପେନ୍ଦ୍ରଙ୍କ ପରିବାର କହିଲେ ପତ୍ନୀ ସ୍ୱପ୍ନା, ପୁଅ ଦେବେନ୍ଦ୍ର ଓ ହର୍ଷିତ, ଝିଅ ମହିମା ଓ ମୁକ୍ତାଙ୍କୁ ବୁଝାଏ। ୩୦୦ ମିଲିୟନ ଟଙ୍କାର ବ୍ୟବସାୟ, ବଙ୍ଗଳା, ଦାମୀ କାର୍ ସହ ଜୀବନ ଜିଇବାର ସବୁ ସୁଖ ସୁବିଧାର ମାଲିକ ଥିଲେ ସେମାନେ। ହେଲେ ଏତେ ଅୟସ ଆରାମର ଜୀବନ ଯେମିତି ଏହି ପରିବାରର ସଦସ୍ୟଙ୍କୁ ପ୍ରକୃତ ସୁଖ ଓ ଶାନ୍ତି ଦେଇ ପାରୁ ନ ଥିଲା। ତେଣୁ ପୂରା ପରିବାର ନିଷ୍ପତ୍ତି ନେଲେ ସବୁ କିଛି ତ୍ୟାଗ କରି ଜୈନ ସନ୍ନ୍ୟାସୀ ହେବାକୁ। ଆଉ ତାହା କଲେ ମଧ୍ୟ।



ଯେଉଁ ପାଦରେ ଦିନେ ବ୍ରାଣ୍ଡେଡ ଜୋତା ପିନ୍ଧା ଯାଉଥିଲା, ଏବେ ସେମାନେ ଖାଲି ପାଦରେ ଚାଲୁଛନ୍ତି। ମୁଣ୍ଡନ ହୋଇ ଧଳାବସ୍ତ୍ର ଧାରଣ କରୁଛନ୍ତି। ହାତ ତିଆରି କାଠର ପାତ୍ରରେ ଖାଦ୍ୟ ଖାଉଛନ୍ତି। ସମ୍ପୂର୍ଣ୍ଣ ଶାକାହାରୀ ପାଲଟିଛନ୍ତି। ଏମିତିକି ମୂଳଜାତୀୟ ଖାଦ୍ୟ ବି ସେମାନେ ଖାଇପାରିବେ ନାହିଁ। ଧର୍ମାନୁଯାୟୀ ତାଙ୍କର କୌଣସି ସ୍ଥାୟୀ ଘର ରହିବନି କି କୌଣସି ଆଧୁନିକ ଟେକ୍ନୋଲୋଜି ବ୍ୟବହାର କରିପାରିବେ ନାହିଁ। ଟଙ୍କାକୁ ଛୁଇଁବେ ନାହିଁ। ଦକଲିଆଙ୍କ ଜନୈକ ସମ୍ପର୍କୀୟ କୁହନ୍ତି, 'ଭୂପେନ୍ଦ୍ରଙ୍କ ସ୍ତ୍ରୀ ବହୁତ ଧର୍ମପରାୟଣା ହେବା ସହ ସରଳ ଜୀବନ ଅତିବାହିତ କରିବାକୁ ପସନ୍ଦ କରୁଥିଲେ। ତେଣୁ ତାଙ୍କ ଘରେ ଏସି କି ସିଲିଂ ଫ୍ୟାନ ନ ଥିଲା। ଏମିତିକି ରେଫ୍ରିଜରେଟର ବି ରଖି ନ ଥିଲେ। ଭୂପେନ୍ଦ୍ରଙ୍କ ସାନ ପୁଅ ପ୍ରଥମେ ଜୈନ ସନ୍ନ୍ୟାସୀ ହେବାକୁ ମନ ବଳାଇଥିଲେ। ପରେ ପୂରା ପରିବାର ସନ୍ନ୍ୟାସୀ ହେବାକୁ ନିଷ୍ପତ୍ତି ନେଲେ। ଆଉ ସବୁ ଧନସମ୍ପତ୍ତିକୁ ତ୍ୟାଗ କରି ସନ୍ନ୍ୟାସୀ ପାଲଟିଗଲେ।'

**ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍‌ର ଭାଇସ୍‌ପ୍ରେସିଡେଣ୍ଟ ସାଜିଲେ ସନ୍ନ୍ୟାସୀ:** ପ୍ରକାଶ ଶାହା କର୍ପୋରେଟ୍ ଜଗତରେ ଦୀର୍ଘ ବର୍ଷ କାମ କରି ଅର୍ଜନ କରିଥିବା ସବୁ ସମ୍ପତ୍ତିକୁ ତ୍ୟାଗ କରି ଏବେ ପାଲଟିଛନ୍ତ ଜୈନ ସନ୍ନ୍ୟାସୀ। ଆଇଆଇଟି ମୁମ୍ବାଇରେ ଏମ୍‌ଟେକ୍ କରି ସେ ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍‌ରେ କାମ କରିବା ଆରମ୍ଭ କରିଥିଲେ। କୋଭିଡ୍ ସମୟରେ ପ୍ରକାଶଙ୍କୁ ଯେବେ ୬୪ ବର୍ଷ ବୟସ ସେ ଅବସର ନେଲେ। ଏହାପରେ ସେ ଓ ତାଙ୍କ ସ୍ତ୍ରୀ ଜୈନ ଦୀକ୍ଷା ଗ୍ରହଣ କଲେ। ତେବେ ଏହାର ବହୁପୂର୍ବରୁ ଶାହଙ୍କ ସାନ ପୁଅ ଯେକି ଆଇଆଇଟି ମୁମ୍ବାଇରେ ବିଟେକ୍ ଡିଗ୍ରୀ ହାସଲ କରିବା ସହ ସିଲଭର୍ ମେଡାଲିଷ୍ଟ ଥିଲେ, ମାତ୍ର ୨୪ ବର୍ଷ ବୟସରେ ଜୈନ ସନ୍ନ୍ୟାସୀ ଦୀକ୍ଷା ନେଇ ସାରିଥିଲେ। ଆଉ ଏବେ ସେ ଭୁବନ ଜିତ ମହାରାଜ ନାମରେ ପରିଚିତ। ଭୁବନ କୁହନ୍ତି, 'ପିଲାଟି ଦିନରୁ ମୋର ଦୀକ୍ଷା ନେବାକୁ ଇଚ୍ଛା ଥିଲା। ବସ୍ତୁବାଦୀ ଜୀବନର ଆନନ୍ଦ ଓ ଜୈନ ତପସ୍ୱୀର ଆଧ୍ୟାତ୍ମିକ ଜୀବନର ଆନନ୍ଦ ଭିତରେ କୌଣସି ତୁଳନା କରାଯାଇ ନ ପାରେ। ଜୈନ ସନ୍ନ୍ୟାସୀ ଜୀବନରେ ଯେ କେତେ ଶାନ୍ତି ଓ ଆନନ୍ଦ ରହିଛି ତାହା ବର୍ଣ୍ଣନାତୀତ। ତେବେ ମୋର ଜୈନ ସନ୍ନ୍ୟାସୀ ହେବାର ନିଷ୍ପତ୍ତିରେ ମା'ବାପାଙ୍କର ସହଯୋଗ ବି ଥିଲା। ତେଣୁ ନିଃସଙ୍କୋଚରେ ମୁଁ ସନ୍ନ୍ୟାସ ଗ୍ରହଣ କଲି।' ପ୍ରକାଶ ଶାହା ସନ୍ନ୍ୟାସ ନେବାପରେ ଏବେ ପ୍ରଶାନ୍ତ ଭୂଷଣ ବିଜୟଜୀ ମହାରାଜ ସାହେବ ଓ ତାଙ୍କ ସ୍ତ୍ରୀ ଭବ୍ୟାନିଧି ସାଧ୍ୱୀଜୀ ମହାରାଜ ସାହେବ ନାମରେ ପରିଚିତ।

**ତିନିବର୍ଷର ଝିଅ ଓ ୧୦୦ କୋଟିର ସମ୍ପତ୍ତି ଛାଡି ସନ୍ନ୍ୟାସୀ ପାଲଟିଲେ ଦମ୍ପତି:** ୨୦୧୭ ମସିହାର କଥା। ଜୈନ ସମ୍ପ୍ରଦାୟର ୩୫ ବର୍ଷୀୟ ସୁମିତ ରାଥୋଡ ଓ ତାଙ୍କ ସ୍ତ୍ରୀ ଅନାମିକା  ନିଷ୍ପତ୍ତି ନିଅନ୍ତି ଜୈନ ସନ୍ନ୍ୟାସୀ ହେବାକୁ। ତାଙ୍କର ଏକ ୩ ବର୍ଷର ଝିଅ ଥାଏ। ଧନସମ୍ପତ୍ତି ସହ ସୁଖୀ ସଂସାର ଥିବା ସତ୍ତ୍ୱେ ଦୁହେଁ ଯୁବାବସ୍ଥାରେ ନିଷ୍ପତ୍ତି ନେଇଥିଲେ ଝିଅ ସହ ମଧ୍ୟପ୍ରଦେଶ ନିମୁଚ୍‌ରେ ଥିବା ତାଙ୍କର ୧୦୦ କୋଟିର ସମ୍ପତ୍ତିକୁ ତ୍ୟାଗ କରି ଜୈନ ସନ୍ନ୍ୟାସୀ ପାଲଟିବେ। ଗୁଜରାଟ, ସୁରଟର ସୁଧମାର୍ଗୀ ଜୈନ ଆଚାର୍ଯ୍ୟ ରାମଲାଲ ମହାରାଜଙ୍କ ତତ୍ତ୍ୱାବଧାନରେ ସେମାନେ ସନ୍ନ୍ୟାସୀ ହେବାର ପ୍ରକ୍ରିୟା ବି ଆରମ୍ଭ କଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଲା। ଅନେକେ ଏହାକୁ ନିନ୍ଦା କଲେ। କୁନି ଝିଅ ପ୍ରତି ଅନ୍ୟାୟ ବୋଲି କୁହାଗଲା। ସୁମିତଙ୍କ ସମ୍ପର୍କୀୟ ଭାଇ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିବା ସହ ସେହି ସନ୍ନ୍ୟାସୀଙ୍କୁ ନିନ୍ଦା କଲେ ଯେଉଁମାନେ ଏହି ଦମ୍ପତିଙ୍କୁ ଦୀକ୍ଷା ନେବାକୁ ପ୍ରେରଣା ଦେଉଥିଲେ। ତାଙ୍କ ମତ ଥିଲା ସନ୍ନ୍ୟାସୀଙ୍କ କାମ ହେଉଛି ଶିକ୍ଷା ଦେବା ଦୀକ୍ଷା ଦେବା ନୁହେଁ। ଜୈନ ଧର୍ମ ଓ ବୈରାଗ୍ୟ ଜୀବନ ଅତିବାହିତ କରିବା ଭଲ କଥା। ହେଲେ ସାଂସାରିକ ଦାୟିତ୍ୱ ସମ୍ପନ୍ନ କରିବା ପରେ ଯାଇ ଏହାକୁ ଆପଣାଇବା ଉଚିତ। ଦୀକ୍ଷା ନେବା ପାଇଁ ଏହି ଦମ୍ପତିଙ୍କ ଲାଗି ଏହା ଉଚିତ ସମୟ ନୁହେଁ। ପ୍ରଥମେ ସେମାନେ କୁନି ଝିଅକୁ ଲାଳନ ପାଳନ କରି ବଡ଼ କରି ତା' ପ୍ରତି ଥିବା ସମସ୍ତ ଦାୟିତ୍ୱ ସମ୍ପନ୍ନ କରିବା ଉଚିତ। ପରେ ଯାଇ ଦୁହେଁ ସନ୍ନ୍ୟାସ ନେବା ଠିକ୍।' ଅନାମିକାଙ୍କ ବାପା କିନ୍ତୁ ଝିଅ ଜ୍ୱାଇଁଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଥିଲେ ଓ ନାତୁଣୀର ଦାୟିତ୍ୱ ନେବାକୁ ରାଜିଥିଲେ। ତେବେ ଏହାପରେ ସେମାନେ ଜୈନ ସନ୍ନ୍ୟାସୀ ପାଲଟିଲେ କି ନାହିଁ ସେ ସମ୍ପର୍କରେ କିଛି ତଥ୍ୟ ନାହିଁ।





ସୁମିତ ରାଥୋଡ, ତାଙ୍କ ସ୍ତ୍ରୀ ଅନାମିକା ଓ ଝିଅ

ଧନସମ୍ପତି, ପ୍ରତିପତି ଯେ କ୍ଷଣସ୍ଥାୟୀ। ଆଉ ଈଶ୍ୱର ପ୍ରେମ ଯେ ଚିରନ୍ତନ। ତାକୁ ଅନୁଭବ କରିପାରିଛନ୍ତି ମୋହମାୟା ପଛରେ ଧାଉଁଥିବା କିଛି ମଣିଷ। ଶେଷରେ ସବୁକିଛି ତ୍ୟାଗ କରି ମୋହମୁକ୍ତ ହୋଇ ଆଧ୍ୟାତ୍ମିକତାର ରାସ୍ତାରେ ଯାଇଛନ୍ତି। ଆଉ ସାଉଁଟିଛନ୍ତି ପ୍ରକୃତ ସୁଖ।


–ଶିବାନୀ ମହାନ୍ତି




# ସାହିତ୍ୟ ସାଧନା ଜୀବନକୁ ଶୁଦ୍ଧ ଓ ମାର୍ଜିତ କରେ



ପ୍ରଶାସନିକ କାର୍ଯ୍ୟଥିଲା ତାଙ୍କର ବୃତ୍ତି, ସାହିତ୍ୟ ଥିଲା ପ୍ରବୃତ୍ତି। ସରକାରୀ ଚାକିରିରୁ ଅବସର ପରେ ଅଧିକାଂଶ ସମୟ ବିତାଉଛନ୍ତି ଆଧ୍ୟାତ୍ମିକ ଓ ସାହିତ୍ୟ କାର୍ଯ୍ୟକ୍ରମରେ। ଏମିତିରେ ନିରନ୍ତର ସାହିତ୍ୟ ସାଧନାରେ ସେ ସୃଷ୍ଟି କରିଛନ୍ତି ପ୍ରାୟ ୨୧ଗୋଟି ପୁସ୍ତକ । କେବଳ ଓଡ଼ିଆ କାହିଁକି ବରଂ କେତେକ ଗୁରୁତ୍ୱପୂର୍ଣ୍ଣ ଇଂଲିଶ ବହିର ଅନୁବାଦ କରିଛନ୍ତି। ଏହାଛଡ଼ା ତାଙ୍କର ଏକ ଓଡ଼ିଆ କବିତାଗ୍ରନ୍ଥ ଇଂଲିଶରେ ଅନୁବାଦିତ ହୋଇ ଆମେରିକାରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶିତ। ତାଙ୍କର ସାମଗ୍ରିକ ସାହିତ୍ୟ କୃତି ପାଇ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ। ସେ ହେଲେ **ଲିଙ୍ଗରାଜ ରଥ**। ମାତା ହାରାମଣି ରଥ, ପିତା ଜଗନ୍ନାଥ ରଥ। ଘର କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଧୀନ ଜଗନ୍ନାଥପୁର ଶାସନ ଗ୍ରାମରେ। ସେ କହନ୍ତି, ମୋ ବଡ଼ବାପା କୃପାସିନ୍ଧୁ ରଥ ଆମ ରାଜନଗର ଅଞ୍ଚଳର ଜଣେ ଜଣାଶୁଣା ମୂର୍ତ୍ତି ଓ ଚିତ୍ରଶିଳ୍ପୀ ଥିଲେ। ଏଥିପାଇଁ ଆମ ପରିବାରକୁ ଅନ୍ୟମାନେ ଜାଣନ୍ତି। କିନ୍ତୁ ମୋତେ ଯେତେବେଳେ ୪ବର୍ଷ ହୋଇଥିଲା, ସେହି ସମୟରେ ମୋର ମା'ଙ୍କ ଦେହାନ୍ତ ଘଟିଥିଲା। ପୁଣି ସାନଭାଇର କିଛି ମାସ ପରେ ମୃତ୍ୟୁ ହୋଇଥିଲା। ଏଥିଯୋଗୁ ବାପା ମୋର ଯତ୍ନ ନେଲେ। ସେତେବେଳେ ସେ ଏକ ବେସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ଘରେ ପାରିବାରିକ ଓ ଜମିଜମା କଥା ବୁଝିବା ସହିତ ମୋତେ ଘରେ ପଢାଉଥିଲେ। ଘରେ ୩ୟ ଶ୍ରେଣୀ ଯାଏଁ ପଢ଼ିଲି। ପରେ ଗାଁ ସ୍କୁଲରେ ୪ର୍ଥରେ ନାମ ଲେଖାଯାଇଥିଲା। ସଂଯୋଗ ବଶତଃ ୪ର୍ଥ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସେହିବର୍ଷ ପ୍ରଥମ ସ୍ଥାନ ପାଇଥିଲି। ସେବେଠାରୁ ଭଲ ଛାତ୍ରହେବି ବୋଲି ମୋ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ସମୟକ୍ରମେ ୭ମ ବୃତ୍ତି ବି ପାଇଲି। ଏଥିଯୋଗୁ ହାଇସ୍କୁଲରେ ଶିକ୍ଷକମାନେ ମୋତେ ବହୁତ ଭଲ ପାଇଲେ। ପୁଣି ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରି ଜାତୀୟ ଶିକ୍ଷାବୃତ୍ତି ଲାଭକଲି। ସେହିବର୍ଷ ପରୀକ୍ଷାରେ ସାରା ଓଡ଼ିଶାରେ ମୋର ସ୍ଥାନ ୨୦ ରହିଥିଲା। ପାଠପଢା ସହିତ କବିତା ଲେଖିବା ଜାରି ରଖିଥାଏ। ୫ମ ଶ୍ରେଣୀରୁ କବିତା ଓ ପ୍ରବନ୍ଧ ଲେଖୁଥିଲି। ପ୍ରତ୍ୟେକ ବର୍ଷ ପ୍ରାୟ ୧୩/୧୪ଟି କବିତା ଲେଖିଥାଏ। ସେସବୁ ଲେଖାକୁ ଗୋଟେ ମୋଟୋ ବନ୍ଧେଇ ଖାତାରେ ସାଇତି ରଖୁଥିଲି। ସ୍କୁଲରେ ଶିଶୁଦିବସ, ଗାନ୍ଧୀ ଜୟନ୍ତୀ ଓ ସ୍ୱାଧୀନତା ଦିବସରେ କବିତା ଲେଖିବାକୁ ଶିକ୍ଷକମାନେ ବାଧ୍ୟ କରୁଥିଲେ। ସେଇ ବାଧ୍ୟବାଧକତାରୁ ହିଁ ମୋର ଲେଖିବାର ଆଗ୍ରହ ସୃଷ୍ଟିହୋଇଥିଲା। ପରବର୍ତ୍ତୀ ସମୟରେ ଲେଖିବା ମୋର ଏକ ନିଶା ପାଲଟି ଯାଇଥିଲା। ୮ମ ଶ୍ରେଣୀରେ ପଢୁଥିବାବେଳେ ମୋ








ମାମୁପୁଅ ସ୍ୱର୍ଣ୍ଣପଦକପ୍ରାପ୍ତ ଡାକ୍ତର ସୁବ୍ରତ କୁମାର ତ୍ରିପାଠୀ ମୋତେ ଆକାଶବାଣୀର କିଶୋରଚକ୍ର ଗଢିବା ପାଇଁ ପ୍ରେରଣା ଦେଇଥିଲେ। ପରେ ଆମ ଗାଁରେ ସୃଜନୀ ଆକାଶବାଣୀ କିଶୋର ଶ୍ରୋତାଚକ୍ର ଗଢି ଏହାର ଚକ୍ରାଧିକାରୀ ମୁଖ୍ୟ ଭାବେ କାର୍ଯ୍ୟ ପରିଚାଳନା କରୁଥିଲି। ୧୯୭୧-୭୨ପାଇଁ ଶ୍ରେଷ୍ଠ କିଶୋରଚକ୍ର ଭାବେ ସମ୍ମାନିତ ହୋଇଥିଲି। ଏହି କାର୍ଯ୍ୟକ୍ରମରେ କିଶୋର ଦର୍ପଣ ନାମରେ ତ୍ରୟମାସିକ ପତ୍ରିକା ପ୍ରସାରିତ ହେଉଥିଲା। ଏଥିରେ ମୋର କବିତା ପ୍ରସାରିତ ହୋଇଥିଲା। ତତ୍କାଳୀନ ବଡ଼ଭାଇ ନଦୀୟା ବିହାରୀ ମହାନ୍ତି ଓ ଅପା ନୀହାରବାଳା ନାୟକ ମୋ ଲେଖାକୁ ବହୁତ ଭଲ ପାଉଥିଲେ। ଅଧିକାଂଶ ସମୟରେ ମୋ ଲେଖାକୁ ପ୍ରଥମ ଲେଖାଭାବେ ପ୍ରସାର କରୁଥିଲେ। ୧୯୭୧ରେ 'କଳିଙ୍ଗ' ଶିଶୁବିଭାଗ ଉଦୟଭାନୁରେ ପ୍ରତିମାସରେ ମୋ ଲେଖା ପ୍ରକାଶିତ ହେଉଥିଲା। ମାଟ୍ରିକ ପରେ ମୁଁ ୪ବର୍ଷ ରେଭେନ୍ସାରେ ପଢିଲି। ୨ବର୍ଷ ବାଣୀବିହାରରେ ପଢି ରାଜନୀତି ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି। ସରକାରୀ କଲେଜରେ ଆଡହକ ଭାବେ ଚାକିରି ପାଇଲି। କିନ୍ତୁ ଯୋଗଦେଇ ନ ଥିଲି। ମୋର ପ୍ରଶାସନିକ ବୃତ୍ତି ପାଇଁ ଆଗ୍ରହ ଥିବାରୁ ଏଥିରେ ପରୀକ୍ଷା ଦେଇ ଓଡ଼ିଶା ସିଭିଲ ସର୍ଭିସ୍ ୧୯୮୩ ବ୍ୟାଚ୍ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ସ୍ଥାନ ଲାଭ କରିଥିଲି। ଏଥିଯୋଗୁ ପ୍ରଶାସନିକ ସେବାରେ ଯୋଗଦେଲି। ଚାକିରି ଜୀବନରେ ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ଭଦ୍ରକ, ଗଞ୍ଜାମ ଆଦି ଜିଲାରେ କାମ କରିଥିଲି। ଶେଷରେ ରାଜ୍ୟ ସଚିବାଳୟରୁ ୨୦୧୭ ମସିହାରେ ଅବସର ଗ୍ରହଣ କରିସାରିଛି। କିନ୍ତୁ ସାହିତ୍ୟ ସାଧନା ଜାରି ରହିଛି। ଆକାଶବାଣୀର ଶିଶୁ କିଶୋର ବିଭାଗରେ ମୋର କବିତା ପ୍ରସାରିତ ହେବା ଦ୍ୱାରା ବନ୍ଦନା, ସଜଫୁଲ ଆଦି କାର୍ଯ୍ୟକ୍ରମରେ ଗୀତିକବିତା ଲେଖିବାକୁ ମନକୁ ପ୍ରେରଣା ମିଳିଥିଲା। ରେଭେନ୍ସାରେ ପଢିବା ସମୟରେ ଗୀତିକବିତା ଲେଖିବା ଆରମ୍ଭ କରିଥିଲି। ତେବେ ରଚନା କରିଥିବା ପୁସ୍ତକ ମଧ୍ୟରେ 'ହେ ମହାବାହୁ', 'ଗୀତିପୁଲକ', 'ହେ ଜୀବନ', 'ସବୁରିପ୍ରଭୁ ତ ଜଣେ', 'ତୁମେ ହିଁ ହସିଲେ ଜଗତ ହସିବ' ଆଦି ୨୧ଟି ପୁସ୍ତକ ରଚନା କରିଛି। ଏହାଛଡ଼ା ମୋତେ ୧୯୮୮ମସିହାରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ସ୍ୱୀକୃତି ମିଳିସାରିଛି। ସେତେବେଳେ ମୁଁ ଝାରସୁଗୁଡ଼ାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥାଏ। ସେ ସମୟରେ ଆକାଶବାଣୀ ସମ୍ବଲପୁରରେ ମୋର ୩ଟି ଗୀତିକବିତା ପ୍ରସାରିତ ହୋଇଥିଲା। ସେଥିରୁ ଗୋଟିଏ ଥିଲା- 'ବରଷକ ଗଲା ଚାଲି ଅଭିମାନ ଭୁଲି ଗୋ ! ଆସିଛି ମୁଁ ପାଶେ ତବ ଏବେ ଆଖି ଖୋଲ ଗୋ'। ଦିନେ ଗ୍ରୋସରି ଦୋକାନକୁ ଗଲାବେଳେ ଏହି ଗୀତକୁ ଜଣେ ଯୁବକ ଗୁଣୁଗୁଣୁ ହୋଇ ଗାଉଥିଲେ। ସେ ଯୁବକ ଆଉଜଣେ ସାଙ୍ଗଙ୍କୁ କହୁଥାନ୍ତି ଏହି ଗୀତଟି ଆଜି ରାତିରେ ରେଡିଓରେ ବାଜିବ। ଏକଥା ଶୁଣି ମନେ ମନେ ଖୁସି ହେଲି। ସେହିପରି ଆଉ ଏକ ଘଟଣା, ଭୁବନେଶ୍ୱର ମ୍ୟୁନିସିପାଲିଟିରେ ଅତିରିକ୍ତ ଏକ୍ଜିକ୍ୟୁଟିଭ ଅଫିସର ଥାଏ। ସକାଳେ ଚାଲିବାକୁ ଯିବାବେଳେ ଏଜି ଛକରେ ଥରେ ମୋର ଏକ ଗୀତକୁ ରେଡିଓରୁ ଶୁଣି ଭାରି ଖୁସି ହୋଇଯାଇଥିଲି। ସେ ଯାହା ହେଉ ସାହିତ୍ୟ ସାଧନାରେ କେତେବାଟ ଆସିଛି ମୋତେ ଜଣା ନାହିଁ। ପୁରସ୍କାର ପାଇବା ଅପେକ୍ଷା ପୁରସ୍କାର ପାଇଁ ଯୋଗ୍ୟ ହେବାକୁ ମୁଁ ଅଧିକ ଗୁରୁତ୍ୱ ଦିଏ। ଇତି ମଧ୍ୟରେ ଗୀତିକବିତା ପାଇଁ ଓଡ଼ିଆ ଗୀତିକବି ସମାଜ, କଳାସୌରଭ, ଏକାଧିକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୨୦୨୨ ମସିହାରେ ମୋର ସାମଗ୍ରିକ ସାହିତ୍ୟ କୃତି ପାଇଁ ୧ଲକ୍ଷ ଟଙ୍କାର ପୁରସ୍କାର ସହ ସମ୍ବର୍ଦ୍ଧିତ ହୋଇଛି। ମୁଁ ଭାବେ ସାହିତ୍ୟ ସାଧନା ହେଉଛି ଯଥାର୍ଥରେ ବାଣୀ ଆରାଧନା। ସଚ୍ଚା ସାହିତ୍ୟ ସାଧନା ଜୀବନକୁ ଶୁଦ୍ଧ ଓ ମାର୍ଜିତ କରେ।

**-ବନବିହାରୀ ବେହେରା**





# ଶେଷ ସନ୍ତକ

–ଶ୍ୱେତପଦ୍ମା ପାଢୀ ତ୍ରିପାଠୀ

ଆଜି ଚାଲିଗଲା । ଅଠର ବର୍ଷର ସାଇତା ସ୍ମୃତି, ଅନୁଭୂତି ଆଜି ହାତ ଛଡା ହେଇଗଲା । ଚାଲିଗଲା ବେଳେ ଛାତି ଭିତରଟା କୋରି ହେଇଗଲା। ପୁଣି ଥରେ ଲାଗିଲା ଯେମିତି ସେ ଆଉଥରେ ଛାଡି ଚାଲିଗଲେ ଆଉ ସାଙ୍ଗରେ ନେଇଗଲେ ଜୀବନ ତମାମର ଅର୍ଜିତ ଧନ, ସମ୍ପତ୍ତି । ଦେଇଥିବା ଜୀବନ, ସ୍ନେହ, ଆଦର, ଖରାଛାଇରେ ଦେଇଥିବା ସୁରକ୍ଷା, ପୂରଣ କରିଥିବା ପ୍ରତିଟି ଅଳି ଅର୍ଦ୍ଦଳି, ସଂସ୍କାର ଏସବୁ କ'ଣ ସମ୍ପତ୍ତି ନୁହଁ କି? କ'ଣ କେବଳ ଘରଦ୍ୱାର, ସୁନା ରୂପା ଓ ବ୍ୟାଙ୍କ ବାଲାନ୍ସ ହିଁ ସମ୍ପତ୍ତି ! କେଜାଣି ଅନ୍ୟମାନଙ୍କ କଥା ସେମାନେ ଜାଣି ଥିବେ । ଆପଣାର ମଣିଷ ଆଉ ସେଇ ମଣିଷ ସହିତ ଜଡିତ ସ୍ମୃତି ମୋ ପାଇଁ ସମ୍ପତ୍ତି ।

୨୦୧୦ ରେ ବାପା ଚାଲିଗଲେ । ତାଙ୍କ ପିନ୍ଧା ଲୁଗା, ତାଙ୍କ ପସନ୍ଦର ସାର୍ଟ ପ୍ୟାଣ୍ଟ ସବୁ ଦାନ କରା ହେଇଗଲା । ମାମି ତ ତାଙ୍କ ପୁରୁଣା ବଙ୍ଗଳା ଉପନ୍ୟାସ ବହି ସବୁ ଦାନ କରିଦେଲା । ମାମି କହିଲା ଯୁଆଡେ ଦେଖୁଛି ବାପା ଦିଶୁଛନ୍ତି। ସ୍ମୃତି ସବୁ ହଜିଗଲେ ମଣିଷଟା କ'ଣ ସ୍ୱପ୍ନ ଆଉ ମନ ଭିତରୁ ବି ମରିଯାଏ କି! ନା ତ, ଏତେ ବର୍ଷ ପରେ ବି ବାପା ମନେ ପଡ଼ନ୍ତି । ମନେ ପଡ଼େ ତାଙ୍କ କଥା । ମନେ ପଡ଼େ ତାଙ୍କ ସହ ବିତେଇଥିବା ପ୍ରତି ମୁହୂର୍ତ୍ତ । ସେ କହୁଥିଲେ ମୁଁ ତୋ ବେଷ୍ଟ ଫ୍ରେଣ୍ଡ । ତୋ ସାଙ୍ଗରେ କେବଳ ମୁଁ ଯିବି ଶାହାରୁଖ ଖାଁର ଫିଲ୍ମ ଦେଖିବାକୁ । ମାମି ଆଉ ଭାଇକୁ ଶାହାରୁଖ ଖାଁ ଫିଲ୍ମ ଭଲ ଲାଗୁ ନଥିଲା । ଆମେ ବାପଝିଅ ଯାଉଥିଲୁ ଦେଖିବାକୁ । ଗୁପ୍‌ଚୁପ୍ ଖାଉଥିଲୁ । ମୋ ସ୍କୁଟି ପଛରେ ବସିବାକୁ ଭଲ ଲାଗୁଥିଲା ତାଙ୍କୁ । କାସ୍ ସେତେବେଳେ କ୍ୟାମେରା ବାଲା ମୋବାଇଲ ଥିଲେ ଫଟୋ ଉଠେଇ ସେଇ ସ୍ମୃତିକୁ ସାଇତି ରଖିଥାନ୍ତି ।

୨୦୦୬ରେ କିଣି ଥିଲେ ବାପା ମାରୁତି ଅଲ୍ଟୋ ; ଯେଉଁଥିରେ ମୁଁ ଓ ମୋ ଭାଇ ଡ୍ରାଇଭିଂ ଶିଖିଥିଲୁ । ବାହାଘର ପୂର୍ବରୁ ସେ ଗାଡ଼ି ଧୂମ୍ ଚଲେଇଛି । ଭୁବନେଶ୍ୱର ଦୂର୍ଗାପୂଜା ଭିଡ଼ରେ ବାପା ଆଉ ମାମିକୁ କାର୍‌ରେ ବସେଇ ବୁଲେଇଛି । ବାହାଘର ବର୍ଷେ ପରେ ବାପା ଚାଲିଗଲେ । ଭାଇ ଚଲାଉଥିଲା, ହେଲେ ଯେତେବେଳେ ବି ଷ୍ଟିଅରିଂ ଧରିଲି, ଲାଗିଲା ଯେମିତି ସାଇଡ୍ ସିଟ୍‌ରେ ବସି ବାପା ହସୁଛନ୍ତି । ଗାଡ଼ି ଚଲେଇ ପାରିଲି ନାହିଁ । ଛାଡ଼ିଦେଲି ଚଲେଇବା। ଭାଇ ସାଇତି ରଖିଥିଲା ଗାଡ଼ି ଏତେ ବର୍ଷ ଧରି । ଯେଉଁଠି ମଣିଷ ମଣିଷକୁ ପ୍ରତାରଣା କରୁଛି ସେଇଠି ଏଇ ଲୁହାର ଯନ୍ତ୍ରପାତି ଆଉ କେତେ ଦିନ ଧରି ସହଯାତ୍ରୀ ହୋଇ ରହିପାରିଥାନ୍ତା ! ଶେଷରେ ଭାଇ ଆଜି ତାକୁ ସ୍କ୍ରାପ୍‌ରେ ବିକ୍ରି କରିଦେଲା । ଶେଷଥର ପାଇଁ ଫଟୋ ଉଠେଇ ପଠେଇଲା ଆଉ କହିଲା, ନାନୀ ବହୁତ କାନ୍ଦ ଲାଗୁଛି ସେ ଚାଲିଗଲା । ଭାଇ କଲିକତାରେ ଥିଲା ଆଉ ମୁଁ ପୁଣେରେ। ଚବିଶି ଶହ କିଲୋମିଟର ଦୂରରେ ଥାଇ ବି ମୋତେ ଲାଗିଲା ଯେମିତି ବାପା ପୁଣି ଥରେ ଚାଲିଗଲେ । ଆଉ ସାଙ୍ଗରେ ନେଇଗଲେ ତାଙ୍କର ଶେଷ ସନ୍ତକ ।

*– ପୁଣେ, ମହାରାଷ୍ଟ୍ର*
*ମୋ: ୯୧୬୮୦୪୩୮୬୮*

## ସ୍ମୃତି

–ରାଜଲକ୍ଷ୍ମୀ ଦାଶ

ଭାରି ଇଛା ହୁଏ
ପୁଣି ଥରେ ଫେରିଯିବାକୁ
ସେଇ ଶୈଶବକୁ–
ଯେଉଁଠି ଓଠରେ ଭାଷା ନ ଥାଏ
ଆଖିରେ ସ୍ୱପ୍ନ ନ ଥାଏ
ହୃଦୟରେ କିଛି ପାଇବା କି ହଜାଇବାର
କଷ୍ଟ ନ ଥାଏ।
ଥାଏ ଖାଲି–ବୋଉର ନରମ ଉଷ୍ମ କୋଳ
ଇଛା ହୁଏ, ପୁଣି ଥରେ
ଚଗଲି ଖାମଖିଆଲି ଝିଅଟିଏ ହୋଇଯିବାକୁ
ଯିଏ କେବେ ବୁଝେନି
ସଂସାର କ'ଣ, ଦୁଃଖ କ'ଣ !
କେବେ ବୁଝିବାକୁ ବ୍ୟାକୁଳ ହୁଏନି।
ଭୋକ ସହ ମନର ସମ୍ପର୍କ
ସ୍ୱପ୍ନସହ ବାସ୍ତବତାର ସମ୍ପର୍କ
ବିଶ୍ୱାସ ସହ ଭରସାର ସମ୍ପର୍କ,
ମଥା ଉପରେ ଆକାଶ ପରି ବାପା
ପାଦ ତଳେ ଧରିତ୍ରୀ ପରି ବୋଉ
ଏପରି ଏକ ନିରାପଦ ଆଶ୍ରୟ
ଏବେ ପାଲଟିଛି ଖାଲି ସ୍ମୃତି।

*– ୟୁନିଟ୍ ୧, ଭୁବନେଶ୍ୱର*
*ମୋ:୯୪୩୯୪୯୦୭୦୬*


## ପୁରୁଣା ଚାଦର

–ମାନସ ରଞ୍ଜନ ମହାପାତ୍ର

କେତେ ଶୀଘ୍ର ଭୁଲି ହୋଇଯାଆନ୍ତି
ଲୋକମାନେ
ଓ ମୁଁ ଗୋଟେ ପୁରୁଣା ଫୋନ୍ ନମ୍ବରକୁ
ବାରମ୍ବାର ଫୋନ୍ କରୁଥାଏ
ଉତ୍ତର ଦେଉନଥାନ୍ତି କେହି
ମୋ ଶବ୍ଦ ବାରମ୍ବାର ଫେରି ଆସୁଥାଏ
ମୋ ପାଖକୁ
ଏଇଟା ଜଣାଶୁଣା କଥା
ମଳାପରେ ଦରଜାରେ ଲାଗିଯାଏ ଧୂଳି
ପୋଷା କୁକୁରଟି ଗୁମୁରୁଥାଏ ଏକାକୀ
ପିଲାମାନେ ନିଜନିଜ ସଂସାର ନେଇ
ଯାଇଥାନ୍ତି ଆଗେଇ
ସ୍ତ୍ରୀ ପୁରୁଣା ଲୁଗାପଟା
ବନ୍ଦ କରି ଦେଇଥାନ୍ତି ଟ୍ରଙ୍କରେ
ବନ୍ଧୁମାନେ ଲେଖା ଯୋଗାଡ଼ କରୁଥାନ୍ତି
ସ୍ମରଣିକାଟେ ଛାପିବେ ବୋଲି
କେତେ ଶୀଘ୍ର ଭୁଲି ହୋଇଯାଏ
ବିଗତ ଦିନର କଥା
ସବୁ ସ୍ୱପ୍ନ ଓ ଅହଂକାର
ହାତ ମକରୁଥାଆନ୍ତି ଗୋଟେ
ଅଜଣା ଛକରେ
ପୁରୁଣା କଲମଟେ ଏକା ଏକା
ଠିଆ ହୋଇଥାଏ ଟେବୁଲରେ ।।

*–ମଧୁବନ ଷଷ୍ଠ ଗଳି, ଚିକରପଡା ରୋଡ଼,*
*ଇନ୍ଦ୍ରଦ୍ୟୁମ୍ନ ଛକ, ପୁରୀ, ମୋ:୯୮୯୧୯୪୬୧୭୮*





# ଦୋଛକିରେ ସାରା

**ସା**ରା ଅଲ୍ଲୀ ଖାଁ ଏବେ ଦୋଛକିରେ ପଡିଛନ୍ତି। 'କେଦାରନାଥ'ରୁ ବଲିଉଡ୍ ଯାତ୍ରା ଆରମ୍ଭ କରିଥିବା ଏହି ଅଭିନେତ୍ରୀ ଏବେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ବି ରାଜି ହୋଇଛନ୍ତି। ତେଣୁ ଏକାଥରେ ସିନେମା ଏବଂ ୱେବସିରିଜ ଭଳି ଦୁଇଟି କଥାକୁ ସେ କିପରି ନେଇ ଆଣି ଥୋଇବେ ସେ ନେଇ ଦୋଛକିରେ ପଡିଛନ୍ତି। ଏ ନେଇ ସାରା କହନ୍ତି, 'ନିକଟରେ ନୂଆ ବ୍ୟାନରରେ ନିର୍ମିତ ହେଉଥିବା ଏକ ଫିଲ୍ମରେ ମୁଁ ଅଭିନୟ କରିବାକୁ ଯାଉଛି। ସେପଟେ ଏକ ୱେବ୍‌ସିରିଜରେ ମଧ୍ୟ ଆକ୍ଟିଂ କରିବି। କିନ୍ତୁ ଏକାଥରେ ଦୁଇଟି ଜିନିଷକୁ କିପରି ତୁଲାଇବି ସେ ନେଇ ଦ୍ୱନ୍ଦ୍ୱରେ ପଡିଛି। ଭାବୁଛି ୱେବ୍‌ସିରିଜ୍ ଅଫର୍‌କୁ ହାତଛଡା କରିବି। ଅବଶ୍ୟ ଏ ନେଇ କୌଣସି ଶେଷ ନିଷ୍ପତ୍ତି ଏବେ ନେଇନାହିଁ। ଉଭୟ ପ୍ରଯୋଜନା ସଂସ୍ଥାକୁ ମୁଁ ଦୁଇ ସପ୍ତାହ ସମୟ ଦେବାକୁ ଅନୁରୋଧ କରିଛି। ତା' ଭିତରେ ଶେଷ ନିଷ୍ପତ୍ତି ଯେମିତି ହେଲେ ନେବି।' ସାରା ଏବେ ନିର୍ମାଣାଧୀନ 'ମେଟ୍ରୋ ଇନ୍ ଦିନୋ'ରେ ଅଭିନୟ କରୁଛନ୍ତି।



ସାରା



ସୋହମ-କୁକିଜ୍

# ଘାରିଛି ଆକ୍ସନ ନିଶା

'**ରା**ଉଡି ରାଜା'ର ଟାଇଟଲ ଭୂମିକାରେ ଅଭିନୟ କରିଥିବା ସୋହମ ସିଂଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ସେ ପୁଣି ଥରେ ଆକ୍ସନ ଅବତାରରେ ଆସୁଛନ୍ତି। ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇ ନ ଥିବା ବେଳେ ତାହାର ପ୍ରାରମ୍ଭିକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ତାଙ୍କର ନାୟିକା ସାଜିବେ କୁକିଜ୍ ସ୍ୱାଇଁ। ଏ ନେଇ ସୋହମ କହନ୍ତି, 'ଏହି ଫିଲ୍ମଟିର କାହାଣୀ ଆକ୍ସନ ଉପରେ ପର୍ଯ୍ୟବସିତ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ଆହୁରି ମାଇଲେଜ ଦେବ ବୋଲି ଆଶା ରଖିଛି। କଥା କ'ଣ କି ଏଥିରେ ମୋ ଅପୋଜିଟ୍‌ରେ ଅଭିନୟ କରିବେ କୁକିଜ୍। ମୁଁ ମୋର ପ୍ରତିଭାକୁ କେବଳ ଅଭିନୟ ଭିତରେ ସୀମିତ ରଖିନାହିଁ। ମୁଁ ଜଣେ ଗାୟକ ମଧ୍ୟ। ନିକଟରେ ମୁଁ ଏବଂ ଅନ୍ତରା ଚକ୍ରବର୍ତ୍ତୀ ଗାଇଥିବା ମ୍ୟୁଜିକ୍ ଭିଡିଓ 'କିଛି କିଛି ହଉଛି ଭାରି ମଜା ଲାଗୁଛି'ରେ ମୁଁ ଏବଂ କୁକିଜ୍ ଆକ୍ଟିଂ କରିଛୁ। ଏହାପୂର୍ବରୁ ଆମ ଦୁହିଁଙ୍କୁ ନେଇ ପ୍ରସ୍ତୁତ ମ୍ୟୁଜିକ ଭିଡିଓ 'ବୁଲ ବୁଲ ତୁ ମୋର ବୁଲ୍ ବୁଲ୍' ଦର୍ଶକାଦୃତ ହୋଇଥିଲା। ଆଉ ଏହି ନୂଆ ଭିଡିଓ ମଧ୍ୟ ଏବେ ବେଶ୍ ଭାଇରାଲ ହୋଇଛି। ତେବେ ଆମ ଯୋଡିକୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ସିନେମାଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାପୂର୍ବରୁ ସୋହମ 'ଅଜାତଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ରେ ଅଭିନୟ କରିସାରିଛନ୍ତି।

# ଯାହା ଖୋଜୁଥିଲେ ସାନ୍ୟା..

'**ଦ**ଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା ଯାହା ଖୋଜୁଥିଲେ ତାହା ମିଳିଯାଇଛି। କଥା କ'ଣ କି ସେ ଜଣେ ଯୋଗ ଗୁରୁ ସନ୍ଧାନରେ ଥିଲେ। ହେଲେ ଏପରି ଗୁରୁ ଯେ ତାଙ୍କର ହାତ ପାଆନ୍ତାରେ ଅଛନ୍ତି ତାହା ସେ ଜାଣି ନ ଥିଲେ। ସେ କିଏ ଜାଣନ୍ତି ? ମଲାଇକା ଆରୋରା। ଥରେ ଯୋଗ ବିଷୟରେ ମଲାଇକା ସହ ସାନ୍ୟା ଆଲୋଚନା କରୁଥିଲେ। ଜଣେ ଯୋଗ ଗୁରୁ ଖୋଜି ଦେବାକୁ ସେ ତାଙ୍କୁ କହିଥିଲେ। ଆଉ ମଲାଇକା ନିମିଷକ ମଧ୍ୟରେ ତାଙ୍କର ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଅର୍ଥାତ୍, ସାନ୍ୟାଙ୍କ ଯୋଗ ଗୁରୁ ସାଜିବାକୁ ସେ ନିଜପଟରୁ ପ୍ରସ୍ତାବ ଦେଇଥିଲେ। ମଲାଇକାଙ୍କ ପ୍ରପୋଜାଲ୍‌କୁ ବା ସେ କେମିତି ଏଡାଇ ଦିଅନ୍ତେ? ସାନ୍ୟା କୁହନ୍ତି,''ମୁଁ ଯେତେବେଳେ ମଲାଇକାଙ୍କୁ ଏ ନେଇ କହିଲି ସେ ମୋ କଥା ଶୁଣି ମୁରୁକି ହସିଦେଲେ। ତା'ପରେ ସେ ମୋ ଯୋଗ ଗୁରୁ ହେବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ମୁଁ ଆନନ୍ଦର ସହ ଗ୍ରହଣ କରିଥିଲି।''



ସାନ୍ୟା

# ଟେନସନ୍‌ରେ କରୀନା

**କ**ରୀନା କପୁର ଏବେ ଟେନସନ୍‌ରେ ପଡିଛନ୍ତି। କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଛି। ନୂଆ ଫିଲ୍ମଦ୍ୱୟର କାହାଣୀ ମଧ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଛି ବୋଲି ସେ କହିଛନ୍ତି। ତେବେ ଅଡୁଆ ଏଇଥିପାଇଁ ହୋଇଛି ଯେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେବାର ଯୋଜନା ରହିଛି। ଯଦି ଏଭଳି ହୁଏ, ତେବେ କାହାକୁ କେତେବେଳେ ସମୟ ଦେବେ ତାହା ତାଙ୍କୁ ଦୋଛକିରେ ପକାଇ ଦେଇଛି। ଏ ନେଇ କରୀନା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ। ଏ ନେଇ ଅବଶ୍ୟ କିଛି ନିଷ୍ପତ୍ତି ଏବେ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।'




ରଶ୍ମିକା

# ଏଣୁ ମାରିଲେ ଗୋହତ୍ୟା...

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା ରଶ୍ମିକା ମନ୍ଦାନା ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ସେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସେ କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ସେଥିପାଇଁ ସେ ପାରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା ରଶ୍ମିକାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମୁନେରେଶନକୁ ଏକାଥରେ ଡବଲ କରିଦେବି– ଏକଥା କଦାପି ସମ୍ଭବ ନୁହେଁ।'



କରୀନା



କାର୍ତ୍ତିକ

# କାର୍ତ୍ତିକଙ୍କ ବଡ଼ପଣ

**କା**ର୍ତ୍ତିକ ଆର୍ଯ୍ୟନ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ପ୍ରତିଟି ଫିଲ୍ମ ପାଇଁ ସେ ପାଉଥିବା ପାରିଶ୍ରମିକର କିଛି ଅଂଶ ସେ ସମାଜସେବାରେ ନିୟୋଜିତ କରିବେ। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ଏକ ସଂସ୍ଥା ମଧ୍ୟ ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେ ଜଣ ସାଙ୍ଗ ବି କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ କାର୍ତ୍ତିକ କହନ୍ତି, ''ନିକଟରେ ଜଣେ ସାଙ୍ଗଙ୍କ ସହ ଏ ବିଷୟରେ ଆଲୋଚନା କରୁଥିଲି। ଆଉ ସେ ମୋତେ ଏଭଳି ସଜେସନ ଦେଇଥିଲେ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିବା ପରେ ଏ କ୍ଷେତ୍ରରେ ପାଦ ଦେଇଛି। ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ସମାଜସେବା ପାଇଁ ଖର୍ଚ୍ଚ କରିବି। ଆଜିର ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପେଟପୂରା ଖାଇବାକୁ ପାଉନାହାନ୍ତି। ପ୍ରଥମେ ସେମାନଙ୍କ ପାଇଁ କାମ କରିବୁ।'

ପ୍ରଥମ ରୋଜଗାର

# ୧୫୦ ଟଙ୍କା ବି କୋଟିଏ ଟଙ୍କା ପରି ଲାଗୁଥିଲା



ସାହିତ୍ୟିକା **ସୁଚିତ୍ରା ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଜୀ**ବନର ପ୍ରଥମ ରୋଜଗାରର ପୁଲକ ସତରେ କ'ଣ ବଖାଣିହୁଏ ? ସେଦିନର ସେ ଅନୁଭବ ଏବେ ବି ହୃଦୟରେ ଶିହରଣ ଖେଳାଏ । ଅତୀତର ସେଇ ଅପୂର୍ବ ମୁହୂର୍ତ୍ତଟି ଉଭା ହୋଇଯାଏ ଆଖି ଆଗରେ । ସେତେବେଳେ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଅର୍ଥନୀତି ସମ୍ମାନର ଛାତ୍ରୀ ଥିଲି ମୁଁ । ସ୍କୁଲରେ ପଢ଼ିବାବେଳୁ ଲେଖାଲେଖି କରୁଥିଲି । ମନପବନ, ବାରମଜା, ମୀନାବଜାର ଆଦି ପତ୍ରିକାରେ ନିୟମିତ ପ୍ରକାଶ ପାଉଥିଲା ମୋ ଲେଖା । ସମ୍ବଲପୁରରୁ ପ୍ରକାଶିତ ହୀରାଖଣ୍ଡର ସାହିତ୍ୟ ପୃଷ୍ଠାରେ ବି ମୋ ଲେଖା ସ୍ଥାନ ପାଉଥିଲା । ବିଜ୍ଞାନର ଅଗ୍ରଗତି ଫଳରେ ରେଡିଓରୁ ଦୂରଦର୍ଶନକୁ ପ୍ରସରି ଯାଇଥିଲା ଆମର ଯାତ୍ରା । ସେତେବେଳେ ନୂଆ କରି ଦୂରଦର୍ଶନ ଆରମ୍ଭ ହୋଇଥାଏ ସମ୍ବଲପୁରରେ । କଳାଧଳା ଟେଲିଭିଜନରେ ନାଟକ, ଚଳଚ୍ଚିତ୍ର, କୃଷି ଦର୍ଶନ ଆଦି କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା ନିର୍ଦ୍ଦିଷ୍ଟ କିଛି ସମୟ ପାଇଁ । ଦୂରଦର୍ଶନରେ ନାଟକ ଦେଖି ମୋର ବି ନାଟକ ଲେଖିବାକୁ ମନହେଲା । ସତରେ କ'ଣ ମୋ ରଚିତ ନାଟକ ଦୂରଦର୍ଶନରେ ପ୍ରସାରିତ ହେବ ? ଏମିତି ମଧୁର ସ୍ୱପ୍ନଟିଏ ବେଳକୁ ବେଳ ଆଚ୍ଛନ୍ନ କରି ରଖିଲା ମତେ । ଲେଖିଲି କିଶୋର କିଶୋରୀମାନଙ୍କ ପାଇଁ ନାଟକଟିଏ– 'ଅନ୍ଧାର ପରେ' । ଘରେ କାହାକୁ କିଛି ନ କହି ନାଟକଟି ପଠେଇଦେଲି ଦୂରଦର୍ଶନ କେନ୍ଦ୍ରକୁ । ମୋ ରଚିତ ନାଟକଟି ପ୍ରସାରିତ ହେବା ପାଇଁ ମନୋନୀତ ହେବା ନେଇ ଚିଠି ପାଇଲି । ସେଦିନ ଘରେ ଏକଥା କହିଲି ଓ ସମସ୍ତଙ୍କର ପ୍ରଶଂସା ସାଉଁଟିଲି । ସୁରେଶ ଚନ୍ଦ୍ର ଶେଠଙ୍କ ନିର୍ଦ୍ଦେଶନାରେ ନାଟକଟି ପ୍ରସାରିତ ହେବାପାଇଁ ପ୍ରସ୍ତୁତ ହୋଇଗଲା । ମୋ ପାଖକୁ ଆସିଲା ୧୫୦ ଟଙ୍କାର ଚେକ୍‌ଟିଏ ଦୂରଦର୍ଶନ ତରଫରୁ । ତତ୍‌ସଂଲଗ୍ନ ଏକ କାଗଜରେ (ଭାଉଚରରେ) ୨୦ ପଇସାର ରେଭିନ୍ୟୁ ଷ୍ଟାମ୍ପ ଉପରେ ଦସ୍ତଖତ କରି ଡାକରେ ପଠେଇଦେବା ପାଇଁ ନିର୍ଦ୍ଦେଶ ଥିଲା । ଖୁବ୍ ଉତ୍ସାହିତ ଲାଗୁଥିଲା । ଡାକରେ କାଗଜଟିକୁ ପଠେଇ ଘରକୁ ଫେରି ସେଇଦିନ ହିଁ ଅଧାଲେଖା ନାଟକ 'କୁଳବଧୂ'କୁ ଶେଷ କରି ପକେଇଥିଲି । ସେଇ ନାଟକଟି ମଧ୍ୟ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା ଅଳ୍ପ କିଛି ମାସର ବ୍ୟବଧାନ ପରେ । ପ୍ରଥମ ରୋଜଗାରର ପୁଲକ ଯେ ମତେ ଆଉ ଗୋଟିଏ ନାଟକ ଲେଖେଇ ଦେଇଥିଲା ତା' ନୁହେଁ– କିନ୍ତୁ ସେ ଅପୂର୍ବ ଅନୁଭୂତି ମୋ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଥିଲା ନିଶ୍ଚୟ । ଆଉ ତାହା ହିଁ ମୋ ହାତର କଲମକୁ ଚଳଚଞ୍ଚଳ କରିଥିଲା । ୧୫୦ ଟଙ୍କାର ଚେକ୍‌ଟି ବାପାଙ୍କ ହାତକୁ ବଢ଼େଇ ଦେବାବେଳେ, ମୋର କୃତିତ୍ୱରେ ବାପାଙ୍କ ମୁହଁରେ ଝଲସି ଉଠିଥିବା ସେହି ଖୁସିଟି, ଏବେବି ମୋ ଭିତରେ ମିଠା ଚମକଟିଏ ଖେଳେଇଦିଏ । ସେଦିନ ବାପା କିଛି କହିବା ଆଗରୁ ମୋ ବୋଉ କହିଥିଲା, 'ତୋ ପଇସା ଇଏ । ତୋର ଯେମିତି ଇଚ୍ଛା ଖର୍ଚ୍ଚ କରିବୁ ।' ବାପାଙ୍କ ଉଦ୍ଦେଶ୍ୟରେ କହିଥିଲା, 'କାଲି ସେ ଚେକ୍ ବ୍ୟାଙ୍କରେ ଜମାକରି ଝିଅକୁ ତା' ଟଙ୍କା ଦେଇଦେବ । ସେ ଖର୍ଚ୍ଚ କରିବ ।' ବୋଉ ମୁହଁରେ ବି ଝଲସୁଥିଲା ମିଠା ହସଟିଏ । ୧୫୦ ଟଙ୍କା ସେତେବେଳେ କୋଟିଏ ଟଙ୍କା ପରି ଲାଗୁଥିଲା ମୋତେ । ସେ ଟଙ୍କାରେ ମୋ ମନ ପସନ୍ଦର ବେଶ ଗୁଡାଏ ଗପ ବହି କିଣିଥିଲି । ମୋ ପ୍ରଥମ ରୋଜଗାରର ପୁଲକ ମୋତେ ସାହିତ୍ୟର ପୃଥିବୀରେ ଟିକେ ଆଗକୁ ବଢ଼ିଯିବା ପାଇଁ ପ୍ରେରଣା ଯୋଗାଇଥିଲା ଆଉ ଆତ୍ମପ୍ରତ୍ୟୟର ମଞ୍ଜିଟିଏ ବୁଣି ଦେଇଥିଲା ମୋ ଭିତରେ ; ଯାହା ଧୀରେ ଧୀରେ ଅଙ୍କୁରୋଦ୍‌ଗମ ହୋଇ ଡାଳପତ୍ର ମେଲେଇବାର ପ୍ରୟାସରେ ଅଛି ଏଯାଏଁ ।

# ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା



ସାଥୀ

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି । ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି । କ'ଣ କରିବି ?

*–କମଳ ଦାସ, ଯାଜପୁର*

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି । ଏପରି ଅନାମିକା ନାୟିକା ପାଇଁ ଆପଣ ପାଗଳ । ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇ ରହିଛି । 'ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା ।' ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ । ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ । ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନ୍‌ସନରେ ଥିଲେ ତାହା ଖୁବ୍ ଶୀଘ୍ର ଦୂର ହୋଇଯିବ ।

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି । ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*–ତନ୍ମୟ ରାଉତ, କେନ୍ଦ୍ରାପଡା*

**ଉତ୍ତର:** 'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣୀ କରିଛି ମନକୁ ଚୋରି ।' ତାହାର ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି । ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ । ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ ।

**ପ୍ରଶ୍ନ–**ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି । ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା । ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି । ମୁଁ ଏବେ କ'ଣ କରିବି ?

*–ସୁକାନ୍ତ ନାୟକ, ଢେଙ୍କାନାଳ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ଏ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା । ପ୍ରେମିକା ଚୟନ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି । ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି । ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ । କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ ।

**ପ୍ରଶ୍ନ–**ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ତପନ କୁମାର, କୋରାପୁଟ*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ । କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା । ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ ।


**ପ୍ରଶ୍ନ–**ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ । ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ?

*–ଶ୍ରୀକାନ୍ତ, ପୁରୀ*


**ଉତ୍ତର:** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି । ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ । ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ନେବାକୁ ଚେଷ୍ଟା କରନ୍ତୁ ।

# ବାର୍ଡକେଜ୍ ଡେକୋରେଶନ





**ପଞ୍ଜୁରି ବା ବାର୍ଡକେଜ୍‌ରେ ପକ୍ଷୀଙ୍କୁ ଘରେ ରଖିବାକୁ ଅନେକ ପସନ୍ଦ କରୁଥିବାବେଳେ ଅନେକ କିନ୍ତୁ ଗୋଟିଏ ନିରୀହ ଜୀବକୁ ବନ୍ଦୀ କରି ରଖିବାକୁ ଆଦୌ ପସନ୍ଦ କରନ୍ତିନି । ହେଲେ ଏମିତି ବି ଅନେକ ଅଛନ୍ତି; ଯେଉଁମାନେ ପଞ୍ଜୁରିରେ ଘର ସଜେଇବାକୁ ବେଶୀ ପସନ୍ଦ କରୁଛନ୍ତି। ଆଜିକାଲି ଏହା ଏକ ଟ୍ରେଣ୍ଡ ବି; ଯେଉଁଥିପାଇଁ କେବଳ ପ୍ରତୀକାତ୍ମକ ପଞ୍ଜୁରିକୁ ହିଁ ବ୍ୟବହାର କରାଯାଉଛି। ଅର୍ଥାତ୍ ସେଥିରେ କୌଣସି ସତ ପକ୍ଷୀ ରହୁ ନାହାନ୍ତି ବରଂ ଆର୍ଟିଫିସିଆଲ୍ ଫୁଲ, କ୍ୟାଣ୍ଡେଲ୍ ଅଥବା ଆର୍ଟିଫିସିଆଲ୍ ପକ୍ଷୀରେ ସଜ୍ଜିତ ଏହି ପଞ୍ଜୁରିକୁ ଘରକୁ ସଜାଇବାରେ ବ୍ୟବହାର କରାଯାଉଛି। ବାସ୍ତୁଶାସ୍ତ୍ରରେ ବି ଏଭଳି ପଞ୍ଜୁରିରେ ଘର ସଜାଇବାକୁ ଶୁଭ ବୋଲି କୁହାଯାଉଛି। ଜାଣନ୍ତୁ ଘର ସଜାଇବା ପାଇଁ ପଞ୍ଜୁରିର ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**





*** ଫ୍ଲାୱାର୍ ବାର୍ଡକେଜ୍:** ସୁନ୍ଦର ସୁନ୍ଦର ଫୁଲରେ ବି ବାର୍ଡକେଜ୍‌କୁ ସଜାଇ ଘରକୁ ଏକ ନୂଆ ଲୁକ ଦେଇହେବ । କିନ୍ତୁ ସବୁବେଳେ ଯେ ବାର୍ଡକେଜ୍‌ଟି ଫୁଲରେ ଭର୍ତ୍ତି ହୋଇ ରହିବ ସେକଥା ବି ନୁହେଁ । ତେଣୁ ନିଜ ସୁବିଧା ଅନୁସାରେ ଯେମିତି ପାରିବେ ସେମିତି ଫୁଲରେ ବାର୍ଡକେଜ୍‌କୁ ସଜାଇ ଘରକୁ ଡେକୋରେଟ୍ କରିପାରିବେ ।

*** କ୍ୟାଣ୍ଡେଲ୍ ଥିବା ବାର୍ଡକେଜ୍:** ବାର୍ଡକେଜ୍‌ରେ ସୁନ୍ଦର ସୁନ୍ଦର କ୍ୟାଣ୍ଡେଲ୍ ଲଗାଇ ତାହାକୁ ବେଡ୍‌ରୁମ୍‌ରେ ରଖିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ । ତା'ଛଡ଼ା ରାତି ସମୟରେ ହେଉଥିବା ଗାର୍ଡେନ୍ ପାର୍ଟିରେ ମଧ୍ୟ ଏହି କ୍ୟାଣ୍ଡେଲ୍ ଥିବା ବାର୍ଡକେଜ୍ ସେହି ପରିବେଶକୁ ଅଧିକ ଆକର୍ଷଣୀୟ କରିଥାଏ । ଏପରିକି ଆପଣ ଚାହିଁଲେ ଏହାକୁ ଘରର ଯେ କୌଣସି କୋଣରେ ଟାଙ୍ଗି ମଧ୍ୟ ସେ ସ୍ଥାନର ଶୋଭାକୁ ବଢ଼ାଇପାରିବେ ।


*** ଝାଲର୍ ଲାଗିଥିବା ବାର୍ଡକେଜ୍:** ବାର୍ଡକେଜ୍‌ର ଭିତରେ ପାର୍ଶ୍ୱରେ ଆକର୍ଷଣୀୟ ଡିଜାଇନ୍‌ର ଝାଲର୍ ଲଗାଇ ତାହାକୁ ଏକ ଭିନ୍ନ ଲୁକ୍ ଦେଇପାରିବେ । ଆଉ ଏହି ଝାଲର୍ ଲାଗିଥିବା ବାର୍ଡକେଜ୍‌କୁ ପରେ ଘର ସଜାଇବାରେ ମଧ୍ୟ ବ୍ୟବହାର କରିପାରିବେ । କେବଳ ଭିତର ପାର୍ଶ୍ୱ କାହିଁକି ବାର୍ଡକେଜ୍‌ର ବାହାର ପାର୍ଶ୍ୱରେ ବି ଝାଲ୍‌ରକୁ ସୁନ୍ଦର ଭାବେ ଗୁଡ଼ାଇ ଡିଜାଇନ୍ କରିପାରିବେ । ଏହି ଝାଲର୍‌ର ଲାଇଟିଂ ବିଭିନ୍ନ ଘରୋଇ ପାର୍ଟିରେ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ ।



*** ଗଛରେ ସଜାଇପାରିବେ ବାର୍ଡକେଜ୍‌କୁ:** ବାର୍ଡକେଜ୍‌କୁ କ୍ଲାସି ଲୁକ୍ ଦେବା ପାଇଁ ୟା'ଭିତରେ ଆପଣ ଚାହିଁଲେ ବୋନ୍‌ସାଇ ଗଛ ଅଥବା ଖୁବ୍ କମ୍ ପାଣି ଆବଶ୍ୟକ କରୁଥିବା ଯେ କୌଣସି ଇନ୍‌ଡୋର୍ ପ୍ଲାଣ୍ଟକୁ ରଖି ଘରକୁ ଟିକେ ଡିଫ୍‌ରେଣ୍ଟ ଲୁକ୍ ଦେଇପାରିବେ । ଆଉ ଯଦି ଏହାକୁ ଆପଣ ବାଲ୍‌କୋନିରେ ଟାଙ୍ଗିବାକୁ ଚାହୁଁଥାନ୍ତି, ତା'ହେଲେ ଏଥିରେ ମନିପ୍ଲାଣ୍ଟ, ବାମ୍ବୋପ୍ଲାଣ୍ଟ ବି ଲଗାଇପାରିରେ । ଏହାଦ୍ୱାରା ଆପଣଙ୍କର ଦୁଇ ପ୍ରକାର ଲାଭ ହେବ । ପ୍ରଥମତଃ ଏହା ସୁନ୍ଦର ଦେଖାଯିବ ଓ ଦ୍ୱିତୀୟରେ ମନିପ୍ଲାଣ୍ଟ କିମ୍ବା ବାମ୍ବୋପ୍ଲାଣ୍ଟ ଯୋଗୁ ଘରର ଐଶ୍ୱର୍ଯ୍ୟ ମଧ୍ୟ ବୃଦ୍ଧି ହେବ ।

*** ବାର୍ଡକେଜ୍ ଓ କଲର୍ ଷ୍ଟୋନ୍:** ପିଲାଙ୍କ ରୁମ୍‌କୁ ସଜାଇବା ପାଇଁ ଆପଣ ଚାହିଁଲେ ବାର୍ଡକେଜ୍ ଭିତରେ କଲର୍‌ଫୁଲ୍ ଷ୍ଟୋନ୍ ଏବଂ କିଛି ଛୋଟ ଛୋଟ କଲର୍‌ଫୁଲ୍ ବଲ୍ ରଖି ତାହାକୁ ଏକ ଡିଫରେଣ୍ଟ ଲୁକ୍ ଦେଇପାରିବେ ।

ଏହାଛଡ଼ା ବାର୍ଡକେଜ୍ ଭିତରେ ଆର୍ଟିଫିସିଆଲ୍ ପକ୍ଷୀ ହେଉ ଅଥବା କିଛି ପୁରୁଣା ଶୋ ପିସ୍‌କୁ ବି ରଖି ତାହାକୁ ଡିଫରେଣ୍ଟ ଲୁକ୍ ଦେବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ମଧ୍ୟ ତାକୁ ବ୍ୟବହାର କରିପାରିବେ ।





## ବିଦିଶା



# ହାଃ ହାଃ

### ଦେଇଥିଲେ

ଜଜ୍ – ତମେ ତାଙ୍କ ଟଙ୍କା କାହିଁକି ଚୋରି କଲ ?
ଚୋର– ମୁଁ ଚୋରି କରିନି । ସେ ମତେ ନିଜେ ଦେଇଥିଲେ ।
ଜଜ୍–ସେ କେତେବେଳେ ଦେଲେ ?
ଚୋର– ମୁଁ ଯେବେ ତାଙ୍କୁ ବନ୍ଧୁକ ଦେଖେଇଲି ।

### ବଡ଼

ପୁଅ ଝିଅକୁ– ମତେ ବାହା ହେଇଯାଅ ।
ଝିଅ: ତମର ଏମିତି କ'ଣ ଅଛି ଯେ, ମୁଁ ତମକୁ ବାହା ହେବି ?
ପୁଅ : ତମେ ଜାଣିନ କି ମୋ ବାପା ଆମ ଗାଁର ଜଣେ ବଡ଼ ଲୋକ ।
ଏହା ଶୁଣିବାପରେ ଝିଅ ରାଜି ହୋଇଗଲା । ଆଉ ଦୁହିଁଙ୍କର ବାହାଘର ହେଇଗଲା ।
ବିବାହ ପରେ ଝିଅ ଜାଣିଲା– ପୁଅର ବାପାଙ୍କ ବୟସ ଗାଁର ସମସ୍ତଙ୍କଠୁ ବଡ଼ । ମାନେ ୧୧୦ ବର୍ଷ ।

### ନିଶା

ଶିକ୍ଷକ– ଗୋଟିଏ ନିଶାଦ୍ରବ୍ୟର ନାମ କୁହ ?
ମିକି– ସାର୍, ବହି ।
ଶିକ୍ଷକ– କ'ଣ ବହି ? କେମିତି ମତେ ବୁଝେଇଲୁ ।
ମିକି– ବହି ଖୋଲୁ ଖୋଲୁ ପରା ମତେ ନିଦ ଆସିଯାଏ । ଏଇଟା ନିଶାଦ୍ରବ୍ୟ ନୁହେଁ ତ ଆଉ କ'ଣ ?

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ: ଧରିତ୍ରୀ, କୁମାର ଶରତ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।








**ଲଦାଖର ଲୁଙ୍ଗନାକ୍ ଉପତ୍ୟକା ନିକଟରେ ରହିଛି ଏକ ଆକର୍ଷଣୀୟ ବୌଦ୍ଧ ମଠ; ଯାହା ଫୁକତାଲ ମଠ ନାମେ ପରିଚିତ। ବୌଦ୍ଧ ସନ୍ୟାସୀଙ୍କ ଧାର୍ମିକ ଭାବଧାରାକୁ ବୁଝିବା ସହିତ ଶାନ୍ତି ପାଇବା ଆଶାରେ ଏଠାକୁ ଅନେକ ପର୍ଯ୍ୟଟକ ବୁଲି ଆସିଥାନ୍ତି...**

# ଫୁକତାଲ ମଠ

ଲଦାଖର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହେଉଛି ଫୁକତାଲ ମଠ। ଏହାକୁ କେହି କେହି ଫୁଗତାଲ ମଠ ବୋଲି ବି ସମ୍ବୋଧନ କରିଥାନ୍ତି। ପ୍ରକୃତପକ୍ଷେ ଏହା ହେଉଛି ଏକ ବୌଦ୍ଧ ମଠ ; ଯେଉଁଠାରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ଅନେକ ଜ୍ଞାନ ଆହରଣ କରିବାକୁ ସୁଯୋଗ ମିଳିଥାଏ। ଖାସ୍ କରି ଧ୍ୟାନ ଦ୍ୱାରା ଶାନ୍ତି ପାଇବାକୁ ଇଚ୍ଛୁକ ଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଗହଳି ପରିଲକ୍ଷିତ ହୁଏ।

**ନାମକୁ ନେଇ ବିଶ୍ୱାସ**

ଫୁକତାଲ ଶବ୍ଦଟି 'ଫୁକ୍' ଓ 'ତାଲ୍' ଶବ୍ଦରୁ ଆସିଛି। ସ୍ଥାନୀୟ ଭାଷାରେ ଫୁକ୍‌ର ଅର୍ଥ ହେଉ ଗୁମ୍ଫା ଏବଂ ତାଲ୍‌ର ଅର୍ଥ ହେଉଛି ମୁକ୍ତି। ଖାସ୍ ସେଥିପାଇଁ ବୌଦ୍ଧ ସନ୍ୟାସୀମାନେ ଏଠାରେ ଥିବା ଏକ ଗୁମ୍ଫାରେ ଉକ୍ତ ମଠଟିକୁ ନିର୍ମାଣ କରି ତାହାର ନାମ ଦେଇଛନ୍ତି ଫୁକତାଲ ମଠ। ଅର୍ଥାତ୍ ଏହି ମଠକୁ ଯିଏ ଆସି ପବିତ୍ର ମନରେ ଧ୍ୟାନ କରିବେ ତାଙ୍କୁ ଶାନ୍ତି ଓ ମୁକ୍ତି ମିଳିବ। ଅନ୍ୟପକ୍ଷେ କହିବାକୁ ଗଲେ ଏହି ମଠ ହେଉଛି ମୁକ୍ତିର ପଥ।

**ଇତିହାସ**

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଫୁକତାଲ ମଠଟି ଯେଉଁ ପ୍ରାକୃତିକ ଗୁମ୍ଫା ମଧ୍ୟରେ ଗଢି ଉଠିଛି, ଏକଦା ସେଠାକୁ ବହୁ ମୁନିଋଷିମାନେ ଧ୍ୟାନ କରିବାକୁ ଯାଉଥିଲେ। ପରବର୍ତ୍ତୀ ସମୟରେ କିଛି ବୌଦ୍ଧ ସନ୍ୟାସୀ ଏହି ସ୍ଥାନର ସନ୍ଧାନ ପାଇବା ପରେ ସେଠାରେ ଏହି ବୌଦ୍ଧ ମଠଟି ଗଢି ଉଠିଥିଲା।

**ମଠର ସରଞ୍ଜନା**

ଫୁକତାଲ ମଠର ପ୍ରବେଶ ଦ୍ୱାରକୁ ମାଟି ଓ କାଠରେ ଏପରି ଭାବେ ତିଆରି କରାଯାଇଛି ଯେ, ଦୂରରୁ ଦେଖିଲେ ଏହା ବି ଏକ ଗୁମ୍ଫା ପରି ପ୍ରତୀୟମାନ ହେବ। ତା'ଛଡ଼ା ଉକ୍ତ ଗୁମ୍ଫାର ପ୍ରାଚୀରରେ ସ୍ଥାନେ ସ୍ଥାନେ ବୁଦ୍ଧଦେବଙ୍କର ଅନେକ ଛବି ଚିତ୍ରିତ ହୋଇଥିବାର ମଧ୍ୟ ଦେଖିବାକୁ ମିଳିବ। ସେହିପରି ଏହି ମଠରେ ବୁଦ୍ଧଦେବଙ୍କର ମୂର୍ତ୍ତି ସାଙ୍ଗକୁ ଶତାଧିକ ବୌଦ୍ଧ ସନ୍ୟାସୀଙ୍କ ପ୍ରାର୍ଥନା କରିବା ନିମନ୍ତେ ୪ଟି ପ୍ରାର୍ଥନା କକ୍ଷ, ପୁସ୍ତକାଳୟ, ରୋଷେଇ କକ୍ଷ ଏବଂ ଅତିଥି କକ୍ଷ ମଧ୍ୟ ରହିଛି।

**ଟ୍ରେକିଂର ମଜା**

ଏହି ମଠର ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏଠାକୁ ଯିବାକୁ ହେଲେ ଟ୍ରେକିଂ କରି ଯିବାକୁ ହୋଇଥାଏ। କିନ୍ତୁ ତାହା ଏତେ ସହଜ ନୁହେଁ। କାରଣ ଏହି ମଠ ନିକଟକୁ ଯିବା ପାଇଁ ଯେଉଁ ରାସ୍ତା ରହିଛି ତାହା ଆଦୌ ସୁଗମ୍ୟ ନୁହେଁ। ଅନେକ କଷ୍ଟ ସହିବାକୁ ପଡେ ଏହି ରାସ୍ତାରେ ଗଲେ। ପାଖାପାଖି ୫–୬ ଘଣ୍ଟା ସମୟ ଲାଗିଯାଏ ଚାଲିଚାଲି ଯିବାକୁ। ରୋମାଞ୍ଚକଭରା ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏଠାରେ ଟ୍ରେକିଂ କରିବା ଏକ ନିଆରା ଆନନ୍ଦ ଦେଇଥାଏ।


**ପର୍ବପର୍ବାଣୀ**


ଏହି ମଠ ତରଫରୁ ବିଭିନ୍ନ ସମୟରେ ଅନେକ ପର୍ବପର୍ବାଣୀ ପାଳନ କରାଯାଇଥାଏ ; ଯାହାକୁ ଦେଖିବା ପାଇଁ ଏବଂ ମଠର ପରିଦର୍ଶନ କରିବାକୁ ଆଖପାଖ ଅଞ୍ଚଳର ବାସିନ୍ଦାମାନେ ଏଠାକୁ ଆସିଥାନ୍ତି। ବୌଦ୍ଧ ସନ୍ୟାସୀ ବି ଖୁବ୍ ଶ୍ରଦ୍ଧାର ସହ ସେମାନଙ୍କୁ ସ୍ୱାଗତ କରିଥାନ୍ତି ଓ ସେମାନଙ୍କ ସହ ମିଶିଥାନ୍ତି; ଯାହାକି ଏକ ନିଆରା ଅନୁଭବ ଦେଇଥାଏ। ପର୍ଯ୍ୟଟକ ଚାହିଁଲେ ଏହି ପର୍ବପର୍ବାଣୀ ପାଳନ କରାଯାଉଥିବା ସମୟରେ ଏଠାକୁ ବୁଲିଯାଇ ଅପୂର୍ବ ଅନୁଭୂତି ସାଉଁଟି ପାରିବେ।

**କିଛି ଜାଣିବା କଥା**

ଫୁକତାଲ ମଠକୁ ଯିବାପାଇଁ ସକାଳ ୬ରୁ ଅପରାହ୍ନ ୪ଟା ହେଉଛି ଉପଯୁକ୍ତ ସମୟ। ଫଟୋଗ୍ରାଫି ପାଇଁ ଏଠାରେ ଅନୁମତି ନାହିଁ। ସେହିପରି ଗମନାଗମନ ପାଇଁ ପର୍ଯ୍ୟଟକଙ୍କୁ ପ୍ରଥମେ ଲଦାଖରେ ପହଁଞ୍ଚି ସେଠାରୁ ସ୍ଥାନୀୟ ଯାନବାହନ ସାହାଯ୍ୟରେ ଯାଇ ଲୁଙ୍ଗନାକ୍ ଉପତ୍ୟକା ନିକଟରେ ପହଁଞ୍ଚିବାକୁ ହେବ। ତା'ପରେ ଟ୍ରେକିଂ କରି ଏହି ମଠ ନିକଟକୁ ଯିବାକୁ ହେବ। ଏହି ମଠ ବୁଲି ଦେଖିବା ସହ ପର୍ଯ୍ୟଟକ ଚାହିଁଲେ ଆଖପାଖ ଅଞ୍ଚଳରେ ଥିବା ଗାଁର ସୌନ୍ଦର୍ଯ୍ୟ, ପାହାଡ, ନଦୀ ଆଦିର ଆକର୍ଷଣକୁ ମଧ୍ୟ ମନଭରି ଉପଭୋଗ କରିପାରିବେ।







# ସାଣ୍ଡୱିଚ୍



ସାଣ୍ଡୱିଚ୍ ପଶ୍ଚିମ ଦେଶର ଖାଦ୍ୟ । ଅଷ୍ଟାଦଶ ଶତାବ୍ଦୀରେ ଏହା ଅସ୍ତିତ୍ୱକୁ ଆସିଥିଲା । ପଶ୍ଚିମ ଦେଶଗୁଡ଼ିକରେ ପ୍ରଥମେ ଏହା ଲେଟ୍ ନାଇଟ୍ ସ୍ନାକ୍ସଭାବେ ଆରମ୍ଭ ହୋଇଥିଲା । ଏହାର ଲୋକପ୍ରିୟତା ଏଥିପାଇଁ ବଢିଲା ଯେ,ଏହାକୁ ଖାଇବା ପାଇଁ ଦୁଇ ହାତ, ଛୁରି କି ଚାମର ଆବଶ୍ୟକ ପଡ଼େ ନାହିଁ । ଗୋଟିଏ ହାତରେ ଆରାମରେ ଖାଇହୁଏ ଓ ମନ ପସନ୍ଦର ଷ୍ଟଫିଙ୍ଗ୍ ଏହା ଭିତରେ ବ୍ୟବହାର କରିହୁଏ । ତେବେ ଏହି ସାଣ୍ଡୱିଚ୍‌ର ଆବିଷ୍କାର ସମ୍ପର୍କରେ ଏକ ରୋଚକ କଥା ରହିଛି । କୁହାଯାଏ ସାଣ୍ଡୱିଚର ଆବିଷ୍କାର ୧୭୬୨ରେ ଦକ୍ଷିଣ ପୂର୍ବ ଇଂଲଣ୍ଡସ୍ଥ ସାଣ୍ଡୱିଚ ନାମକ ସ୍ଥାନର ଚତୁର୍ଥ ଅର୍ଲ (ଇଂଲଣ୍ଡରେ ପ୍ରଦାନ କରାଯାଉଥିବା ଏକ ଉପାଧି) ଜନ୍ ମୋଣ୍ଟେଗୁ କରିଥିଲେ । ଜନ୍ ମୋଣ୍ଟେଗୁ ବହୁତ ଜୁଆ ଖେଳୁଥିଲେ । ଦିନ ହେଉ କି ରାତି ସେ କେବଳ ଜୁଆ ଖେଳୁଥିଲେ । ତାଙ୍କ ପାଖରେ ବସିକି ଖାଇବାକୁ ବି ସମୟ ନ ଥିଲା । ସେଥିପାଇଁ ସେ ନିଜ ରୋଷେୟାକୁ କହିଥିଲେ ସେ ତାଙ୍କ ପାଇଁ ଏଭଳି ଖାଦ୍ୟ ପ୍ରସ୍ତୁତ କରୁ ଯାହାକୁ ସେ ଜୁଆ ଖେଳିବା ସମୟରେ ଖାଇପାରିବେ । ଅନେକ ଭାବିବା ପରେ ରୋଷେୟା ଦୁଇଟି ଟୋଷ୍ଟେଡ ବ୍ରେଡ ସ୍ଲାଇସ୍ ଭିତରେ ସିଝା ମାଂସ ଓ ଚିଜ୍ ରଖି ଖାଇବାକୁ ଦେଲେ । ଏହି ଖାଦ୍ୟକୁ ସେ ଗୋଟିଏ ହାତରେ ଧରି ଖାଇପାରିଲେ ।

ଫଳରେ ଅନ୍ୟ ହାତ ସାହାଯ୍ୟରେ ସେ ଜୁଆ ଖେଳି ପାରିଲେ । ଏମିତି ସବୁଦିନ ଖାଇବା ଦ୍ୱାରା ଅନ୍ୟମାନେ ବି ଏହାକୁ ଅନୁକରଣ କରିବାକୁ ଲାଗିଲେ । ପରେ ଏହି ବ୍ୟଞ୍ଜନ ପୂରା ଲଣ୍ଡନରେ ଲୋକପ୍ରିୟ ହୋଇଗଲା । ଖାସ୍ କରି ଜୁଆ ଖେଳୁଥିବା ଓ ମଦ୍ୟପାନ କରୁଥିବା ପୁରୁଷ ଏହାକୁ ବେଶି ବ୍ୟବହାର କରୁଥିଲେ । ପରେ ଏହା ସାଧାରଣ ଲୋକ ଓ ଆଭିଜାତ୍ୟ ବର୍ଗକୁ ଆସିଲା । ପରେ ଏହି ଖାଦ୍ୟଟି ପ୍ରସ୍ତୁତକାରୀଙ୍କ ନାମାନୁସାରେ ନାମକରଣ ନ ହୋଇ ଧୀରେ ଧୀରେ ସାଣ୍ଡୱିଚ ସହ ଜଡ଼ିତ ହୋଇଗଲା । ଜନ୍ ମୋଣ୍ଟେଗୁଙ୍କ ଜନ୍ମ ୩ ନଭେମ୍ବର ୧୭୧୮ରେ ହୋଇଥିଲା । ତେଣୁ ତାଙ୍କ ସମ୍ମାନରେ ନଭେମ୍ବର ୩ ତାରିଖକୁ ନ୍ୟାଶନାଲ ସାଣ୍ଡୱିଚ ଡେ' ଭାବେ ପାଳନ କରାଯାଉଛି ।

**ଖୁବ୍ ଜୋର୍‌ରେ ଭୋକ ଲାଗୁଛି। କିଛି କରି ଖାଇବା ପାଇଁ ଧୈର୍ଯ୍ୟ ନାହିଁ। ଏମିତିରେ ସାଣ୍ଡୱିଚ୍ ସାଜେ ପ୍ରଥମ ପସନ୍ଦ। ଫଟାଫଟ୍ ପ୍ରସ୍ତୁତ କରି ଖାଇହେବ। ତା'ସହ ପେଟ ବି ପୂରିବ। ସେଥିପାଇଁ ତ ଆଜିକାର ବ୍ୟସ୍ତବହୁଳ ଜୀବନରେ ସାଣ୍ଡୱିଚ୍‌ର ଚାହିଦା ବଢ଼ିବାରେ ଲାଗିଛି । ତେବେ ଜାଣନ୍ତି କି କେବେ, କେଉଁଠୁ ଆରମ୍ଭ ହୋଇଥିଲା ଏହି ସହଜରେ ପ୍ରସ୍ତୁତ ହୋଇପାରୁଥିବା ଖାଦ୍ୟ? ଜାଣନ୍ତୁ ସେ ସମ୍ପର୍କରେ...**





# ସପୁରିର ଦାମ୍ ୩୩,୦୦୦ ଟଙ୍କା



ଆଜିକାଲି ପ୍ରାୟ ସମସ୍ତେ ଫଳକୁ ନିଜ ଡାଏଟ୍‌ରେ ସାମିଲ କରୁଛନ୍ତି । କାରଣ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ । ବିଭିନ୍ନ ପ୍ରକାରର ଫଳ ଭିତରେ ସପୁରି ଅନ୍ୟତମ । ତେବେ ଜାଣନ୍ତି କି ଏମିତି ବି ଏକ ସପୁରି ଅଛି ଯାହାକୁ ନିଜ ଡାଏଟ୍‌ରେ ସାମିଲ କରିବା ବହୁତ କଷ୍ଟ । କାରଣ ଏହାର ଦାମ୍ ଆକାଶଛୁଆଁ । ଏହି ସପୁରି 'ରୁବିଗ୍ଲୋ' ନାମରେ ପରିଚିତ । ଏହାର ଦାମ୍ କେତେ ଜାଣନ୍ତି ? ୩୩,୦୦୦ ଟଙ୍କା । ଲାଲରଙ୍ଗର ବାହ୍ୟ ଆବରଣ ଭିତରେ ହଳଦିଆ ରଙ୍ଗର ରସ ଏଥିରେ ଥାଏ । ଏହି ସପୁରିର ବିକାଶ ପାଇଁ ପ୍ରାୟ ୧୫ ବର୍ଷର ଗବେଷଣା ହୋଇଥିଲା । ତା'ଛଡ଼ା ଏହାର ଉତ୍ପାଦନ ବହୁତ କମ୍ ମାତ୍ରାରେ ହୋଇଥାଏ ଓ ଏହା ସ୍ୱାସ୍ଥ୍ୟ ପାଇଁ ବି ଉପକାରୀ । ତେଣୁ ଏହାର ଦାମ୍ ଏତେ ଅଧିକ । ଭାବୁଥିବେ ଏତେ ଦାମୀ ସପୁରି କେଉଁଠି ମିଳୁଛି ? ତେବେ ଲକଜ୍ୟୁରି ଉତ୍ପାଦର ଏକ ସ୍ୱତନ୍ତ୍ର ବଜାର ଥାଏ । ତାହାକୁ ସେଇ ବଜାରରେ ହିଁ ବିକ୍ରି କରାଯାଏ । ଏହାର ପ୍ୟାକିଂ ବହୁତ ସୁନ୍ଦର ଭାବେ କରାଯାଇଥାଏ । ଯାହା ଧନୀ ଗ୍ରାହକଙ୍କୁ ଆକୃଷ୍ଟ କରେ ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଆନିଭର୍ସରି ହଟହଟା

ଏ ବିବାହ ବାର୍ଷିକୀ ଦିବସଟା ଗୋଟେ ବଡ଼ ବିଚିତ୍ର ଦିବସ। ବିଶେଷକରି ଫେସବୁକ ଆଉ ହ୍ବାଟ୍ସଆପ୍‌ର ବହୁଳ ପ୍ରସାର ପରେ ଯେଉଁ ସବୁ ଉଚ୍ଛୁଳା ପ୍ରେମର ଏକ ନୂତନ ସାହିତ୍ୟ ଧାରା ଆରମ୍ଭ ହୋଇଛି, ତାକୁ ଦେଖି ବେଳେବେଳେ ଆଖି ତରାଟି ହୋଇ ଯାଉଛି। ମୋର ଗୋଟେ ଫେସବୁକ ସାଙ୍ଗ। ଘୋଡ଼ା ମଦୁଆ। ସକାଳୁ ତା'ର ସ୍ତ୍ରୀ ସହ ସବୁ ସର୍ଗ, ଉପସର୍ଗ ଓ ଅଳଙ୍କାର ଯୁକ୍ତ ଭାଷାରେ ଗାଳି ଗୁଲଜ ନ ହେଲେ ସେମାନଙ୍କ ଦିନ ଆରମ୍ଭ ହୁଏନି। ବେଳେବେଳେ ଗାଳି ଗୁଲଜଟା ହାତା ହାତିରେ ସମାପ୍ତ ହୁଏ। ଗଲା ସପ୍ତାହରେ ତାର ଆନିଭର୍ସରି ଥିଲା। ସେହିଦିନ ମୁଁ ଫେସବୁକ ଖୋଲୁ ଖୋଲୁ ଦେଖିଲି ମୋର ସେହି ସାଙ୍ଗ ତା' ସ୍ତ୍ରୀ ସହ ଗୋଟେ ବିବାହ ପରର ମୁରୁକୁନ୍ଦିଆ ହସ ହସ ଫଟୋ ପୋଷ୍ଟ କରିଥିଲା। ତଳେ ଲେଖିଥିଲା– ମୋ ଜୀବନ ସଙ୍ଗିନୀ, ତୁମେ ମୋ ଜୀବନକୁ କରିଦେଲ ରଙ୍ଗୀନ ରଙ୍ଗୀନ।

ସେ ଯାହାବି ହେଉ ଏ ପ୍ରକାରର ଛଳନା ପ୍ରତାରଣାପୂର୍ଣ୍ଣ ପୋଷ୍ଟ ଗୁଡ଼ିକ କିନ୍ତୁ ମୋ ଜୀବନ ସଙ୍ଗିନୀଙ୍କୁ ଭାରି ପ୍ରଭାବିତ କରେ। ଗତକାଲି ଥିଲା ମୋର ଆନିଭର୍ସରି। ସକାଳୁ ସଙ୍ଗିନୀଙ୍କୁ ନେଇ ମନ୍ଦିର ଯାଇଥିଲି। ଦୀପ ଲଗେଇ ଆସିଲୁ। ସାଙ୍ଗମାନଙ୍କୁ ଫୋନ କରି ନିମନ୍ତ୍ରଣ କଲି ସନ୍ଧ୍ୟାରେ ଘରକୁ ଆସିବା ପାଇଁ। ଭାବିଲି ସବୁ ସାଙ୍ଗମାନେ ଏକାଠି ବସି ଖୁସି ଗପ କରି ବିଶେଷ ଦିନଟିକୁ ମଜାରେ କାଟିବୁ। ଜଣେ ଦିଜଣ ସାଙ୍ଗଙ୍କୁ ଫୋନକରି କ'ଣ ଆଇଟମ୍ କଲେ ଭଲ ହେବ ଆଉ କ'ଣ କ'ଣ ସରଞ୍ଜାମ ସବୁ ଦରକାର ବୁଝିନେଲି। କିନ୍ତୁ ଭାବୁଥାଏ ବିଲେଇ ବେକରେ ଘଣ୍ଟି ବାନ୍ଧିବି କେମିତି? ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ପାର୍ଟି କଥା ସଙ୍ଗିନୀଙ୍କୁ କହିବି କେମିତି?

ଜଣେ ସାଙ୍ଗ କହିଲା ତରକାରୀ କରିବା ପାଇଁ ଯଦି ବଡ଼ ଟବ୍ ଦରକାର ତାହେଲେ କହିବୁ। ସାଙ୍ଗକୁ କହିଲି ହଉ ମୁଁ ଯାଇ ଏବେ ଟବ୍ ନେଇଆସୁଛି। ମୋ କଥା ବୋଧେ ସଙ୍ଗିନୀ ଶୁଣୁଥିଲେ କି କ'ଣ ହଠାତ୍ ତାଙ୍କ ମୁଖମଣ୍ଡଳରେ ଏକ ଅଦ୍ଭୁତ ଖୁସିର ଚମକ୍ ଆସିଗଲା। ଭାବିଲି ସଙ୍ଗିନୀ ବୋଧେ ମୋ ସାଙ୍ଗମାନେ ଘରକୁ ଆସିବା ଜାଣି ଖୁସି ହୋଇଗଲେ। ସୁଯୋଗ ଦେଖି ତାଙ୍କୁ ମନର କଥା ଜଣେଇ କହିଲି, କିଛି ସାଙ୍ଗଙ୍କୁ ଆଜି ସନ୍ଧ୍ୟାରେ ଡାକିଛି। ଯଦି କହିବ ଘରେ ରୋଷେଇ କରିବା ନଚେତ୍ ବାହାରୁ ମଗେଇ ଦେବା। ମୋ କଥାଶୁଣି ପ୍ରସନ୍ନ ବଦନରେ ସଙ୍ଗିନୀ କହିଲେ– ଏଇଟା ଗୋଟେ କି କଥା। ତୁମ ସାଙ୍ଗମାନେ ଘରକୁ ଆସିବେ ଆଉ ତାଙ୍କୁ ବାହାରୁ ମଗେଇ ଖାଇବାକୁ ଦେବା,ଏଇଟା କ'ଣ ସୁନ୍ଦର ଲାଗିବ! କ'ଣ ଭାବିବେ ସେମାନେ? ଛି, ଏମିତିକା ଖରାପ କଥା ମୋ ଦେଇ ହେବନି। ମୋଠାରୁ କ'ଣ ଆଇଟମ୍ ହେବ ଶୁଣି କହିଲେ ହଉ ମୁଁ ନିଜେ ତିଆରି କରିଦେବି।

ୟୁଟ୍ୟୁବ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଥିବା ଆମ୍ଭ ସଙ୍ଗିନୀ ସଙ୍ଗେ ସଙ୍ଗେ ଦୁଇ ତିନିଟା ରୋଷେଇ ପ୍ରଣାଳୀ ଭିଡିଓ ୟୁଟ୍ୟୁବ୍‌ରୁ ଦେଖି କ'ଣ ସବୁ ଦରକାର ତାର ଗୋଟେ ଲିଷ୍ଟ ମୋତେ ଧରେଇଦେଲେ। କାଳେ ତାଙ୍କର ମନ ପରିବର୍ତ୍ତନ



ହେଇଯିବ ବୋଲି ମୁଁ ଅବିଳମ୍ବେ ସେସବୁ ସଉଦା ଦୋକାନରୁ ଆଣି ଆସିଲି। ଆସିଲାବେଳେ ସାଙ୍ଗ ଘରୁ ବଡ଼ ଟବ୍‌ଟା ବି ନେଇଆସିଲି। ସଙ୍ଗିନୀ ଲାଗିପଡ଼ିଲେ କାମରେ। ଯାହାହେଉ ଆଜି ମୋ ଭାଗ୍ୟରେ ବୃହସ୍ପତି ଚଳୁଛନ୍ତି, ବିନା ଦ୍ୱିଧାରେ ମନସ୍କାମନା ସବୁ ପୂରଣ ହେଉଛି। ସନ୍ଧ୍ୟା ସୁଦ୍ଧା ସବୁ ରୋଷେଇ କାମ ବିନା କିଛି କୁଁ କାଁରେ ସରିଗଲା। ସନ୍ଧ୍ୟାରେ ସଙ୍ଗିନୀ ଦୁଇଟି ପ୍ୟାକେଟ ଧରି ମୋ ପାଖକୁ ଆସି କହିଲେ, ଦେଖିଲ ଆଜି ମୁଁ ଏତକ ତୁମ ପାଇଁ ଆଣିଛି। ସେ ଦୁଇଟା ବ୍ୟାଗର ସାଇଜ ଦେଖି ମୋ ମୁଣ୍ଡକୁ ପିତ୍ତ ଉଠିଲାଣି। ଗତ ମାସେ ଉପରେ ହେଲାଣି ପ୍ରତିଦିନ କିଛି କିଛି ଟଙ୍କାର ହିସାବ ମୁଁ ଆଉ ପାଉନି। ମୁଁ ବି କେଉଁଠି କ'ଣ ଖର୍ଚ୍ଚ କରୁଛି ମନେପକେଇ ପାରୁନଥିବାରୁ ମୋ ପାକଳ ମନକୁ ଦୋଷ ଦେଉଥିଲି। ଏବେ ବୁଝିଲି ସେ ଟଙ୍କା ସବୁ ଅଦୃଶ୍ୟ ହେବା ପଛରେ କାହାର ହାତ ଅଛି। ହଉ ମନର ରାଗକୁ ମନରେ ରଖି ଚୁପ୍ ରହିଲି। ଏବେ ସାଙ୍ଗମାନେ ଘରକୁ ଆସିବା ସମୟ ହେଲାଣି, ସବୁ କାମ କେମିତି ଭଲରେ କଟିଯାଉ। ମୋ ହାତକୁ ବ୍ୟାଗ ଦିଟା ବଢେଇ ଦେଇ ସେ ଖାଲି ଏପଟ ସେପଟ ଅନଉଥାନ୍ତି କାଳେ ମୁଁ କିଛି ପ୍ରତି ଉପହାର ତାଙ୍କୁ ଦେବି। କିନ୍ତୁ ମୋତେ ନିରବ ଦେଖି କହିଲେ, ତୁମେ ମୋ କାନ ପାଇଁ ଯେଉଁ ଟପ୍ ଆଣିଛ ଦେଖେଇଲ। କାନ ଫୁଲ(ଟପ୍) କଥା ଶୁଣି ମୋ କାନ ଝାଇଁ ମାରିଗଲା। ମୁଁ କହିଲି, କାହିଁ ମୁଁ ତ ସେମିତି କିଛି ଆଣିନି କିଏ କହିଲା।

ଆଉ କିଏ କହିବ! ତୁମେ ସକାଳେ ତୁମ ସାଙ୍ଗକୁ କହୁ ନଥିଲ, ଟପ୍ ଆଣିବାକୁ ଯିବ ବୋଲି? ତାଙ୍କ କଥା ଶୁଣି ବହେ ହସିଲି – ଆହେ , ତୁମ କାନକୁ ଟପ୍ ନୁହେଁ ତରକାରୀ କରିବା ପାଇଁ ତା ଘରୁ ଟବ୍ ଆଣିବାକୁ ଯିବି ବୋଲି କହୁଥିଲି, ତୁମକୁ କ'ଣ ଟପ୍ ଶୁଣାଗଲା କି? ଆଉ ଏ ବିବାହ ବାର୍ଷିକୀ ଜନ୍ମଦିନ ପାର୍ଟି,ଦାମୀ ଉପହାର ସବୁ ବଡ଼ବଡିଆଙ୍କ କଥା ଆମ ଭଳି ଖଟିଖିଆଙ୍କର ଏସବୁ କ'ଣ ଥାଏ କି? ମନ୍ଦିର ଯାଇ ଠାକୁର ଦର୍ଶନ କରିଲୁ ଆଉ କ'ଣ ଦରକାର। ମୋ କଥା ଶୁଣି ହୁଁ ଟା ମାରି ସେଠୁ ଚାଲିଗଲେ। ସେମିତି ମୁହଁଟାକୁ ଫୁଲେଇ ସବୁ କାମ କରିଲେ। ଯାହାହେଉ ଭଲରେ ଭଲରେ ସାଙ୍ଗମାନେ ସବୁ ଖାଇପିଇ ବାହୁଡ଼ିଲେ। ସବୁ କାମ ସରିଲା ପରେ ତାଙ୍କୁ ଯାଇ କହିଲି– ଆଉ କିଛି କଚୋଡ଼ି ଛାଣି ଦିଅ ବହୁତ ଭୋକ ଲାଗିଲାଣି। ଯେମିତି ସେ ମୋତେ ଅପେକ୍ଷା କରିଥିଲେ ଅଦିନିଆ ମେଘ ଭଳି ବର୍ଷିଗଲେ।

ହଁ ଘରେ ତ ଗୋଟାଏ ମାଗଣା ରୋଷେୟା ଅଛିନା। ଡାକ ଆହୁରି ସାଙ୍ଗମାନଙ୍କୁ, ତୁମେ ସବୁ ମଜା କର ମୁଁ ଏମିତି ଗରମରେ ରୋଷେଇ ଘରେ ସଢୁଥିବି। କଚୋଡ଼ି ପାଇଁ ମଇଦା ଦଳିବା ପରେ ତାକୁ ବେଲିବା ବେଳକୁ ଆଉ ହାତ ଉଠେଇ ପାରୁନଥିଲି ତଥାପି ସେଇ କଷ୍ଟରେ ଚୁଲି ପାଖରେ ଠିଆହୋଇ ସବୁ ଛାଣିଲି, କ'ଣ ପାଇଁ ମ? ସେଥିରେ ପୁଣି ଖାଇ ସାରିବା ପରେ କହିଲେ କ'ଣ ନା ତରକାରୀ ଟିକେ ଲୁଣିଆ ହେଇଛି ଭାଉଜଙ୍କୁ କହ ଗରମ ପାଣି ମିଶେଇ ଘାଣ୍ଟି ଦେବେ। ମୋ କଥା କିଏ ଭାବିଲା? କେତେ କଷ୍ଟରେ ଏକା ଏକା ସବୁ କଲି। ତୁମର ଟିକେ ଦୟା ମାୟା ଅଛି? ଆଜି ଭଳି ଦିନରେ କିଏ କେତେ କ'ଣ କରୁଛନ୍ତି। ଭାଉଜ କହୁଥିଲେ ଭାଇନା ତାଙ୍କୁ ଆନିଭର୍ସରିରେ ଯାହା ସବୁ ଗିଫ୍ଟ ଦେଇଛନ୍ତି, ତୁମେ ବାର ବରଷ ଗୋଡି ଖଟିଲେ ବି କିଣି ପାରିବନି। ତୁମ ସାଙ୍ଗମାନେ ପରା ବେଲୁନ ଫୁଟେଇ ହୋଟେଲରେ କେକ୍ କାଟିଲା ବେଳର ସବୁ ଆଙ୍ଗେଲ୍‌ରୁ ଗୋଟେ ଗୋଟେ ଫଟୋ ଉଠେଇ ଛାଡୁଛନ୍ତି। କ'ଣ ସବୁ ଦେଖୁଛ ନା ଆଖି ଫୁଟିଯାଇଛି। ତୁମ ମନ କହିଲାନି ହୋଟେଲ ନହେଲେ ନାହିଁ ଟିକେ ଦୋଳମୁଣ୍ଡେଇ ନେଇ ଗୁପ୍‌ଚୁପ୍ ଦି'ଟା ଖୋଇ ଦେଇଥାନ୍ତ। କେମିତିକା ଲୋକ କେଜାଣି?

କେତେକଷ୍ଟରେ ଶାଢ଼ି ପିନ୍ଧି ସଜ ହୋଇଥିଲି। ଭାବିଲି ଆଜି ତୁମ ସାଙ୍ଗମାନେ ଆସିବେ। କେତେ କିଏ ସବୁ ଫଟୋ ଉଠେଇ ଫେସବୁକ, ହ୍ବାଟ୍ସଆପ୍‌ରେ ଛାଡିବେ। କମ୍‌ସେ କମ୍ ଶହେଟା ଫଟୋ ତ ଉଠିବ। କ'ଣ ଉଠିଲା? ହେଇ ହେଇ ଫଟୋ ଦଶଟା ଉଠିଥିବ କି ନାହିଁ ସନ୍ଦେହ। ଉପରେ ପୁଣି ତୁମ ସାଙ୍ଗ ଯେଉଁ ଫଟୋ ଉଠେଇଲେ, ସେଥିରେ ମୋ ମୁହଁ ସବୁ କଳା ଦେଖାଯାଉଛି। କ'ଣ ଏଇଥିପାଇଁ ମୁଁ ସେଠିକୁ ସଜ ହୋଇ ଯାଇଥିଲି! ଛାଡ଼, ସବୁ ମୋ ପୋଡା କପାଳ। ତୁମ କଲେଜ ସାଙ୍ଗ ପରା ତାଙ୍କ ଆନିଭର୍ସରିକୁ ମୋଗଲ ଗାର୍ଡେନରେ ବୁଲୁଥିବା ଫଟୋ ଫେସବୁକରେ ଛାଡିଥିଲେ। ତାଙ୍କ ସ୍ତ୍ରୀ ସକାଳୁ ଦୁଇଥର ଫୋନ କଲେଣି। ମୁଁ ଫୋନ ଉଠଉନାହିଁ, କ'ଣ କହିବି– ଆଜି ଆମେ ମନ୍ଦିର ଯାଇଥିଲୁ ଦୀପ ଲଗେଇ ଆସିଛୁ! ତୁମକୁ ତ ସରମ ନାହିଁ ମୋ ମନ ପୋଡ଼ିଜଳି ଯାଉଛି।

ମୁଁ ବି ମନେ ମନେ ଭାବୁଥାଏ ଖାନନଗର ପାର୍କରେ ଫଟୋ ଉଠେଇ କହିଲା କ'ଣ ନା ଆନିଭର୍ସରିରେ ଆଉଟିଙ୍ଗ୍ ଆଟ୍ ମୋଗଲ ଗାର୍ଡେନ! ତା ବୋପା ଚଉଦପୁରୁଷରେ କିଏ ମୋଗଲ ଗାର୍ଡେନ ଦେଖିଥିଲା? ଶଳା ଫଟୋ ତ ଉଠେଇଲୁ ତାକୁ ପୁଣି ଫେସବୁକରେ ଛାଡିବା କ'ଣ ଦରକାର ଥିଲା! ସେ ଫଟୋ ଦେଖି କେତେଜଣଙ୍କ ଘରେ ନିଆଁ ଲାଗିଥିବ କିଛି ଅନୁମାନ ଅଛି କି ତା'ର! ଆନିଭର୍ସରିରେ ଏମିତିକା ବୁଲାବୁଲି ଫଟୋ ସବୁ ସାମାଜିକ ଗଣମାଧ୍ୟମରେ ଛାଡୁଥିବା ଲୋକମାନେ ଯେ କେତେ ନିର୍ଦ୍ଦୟ, ହୃଦୟହୀନ ଓ ନିଷ୍ଠୁର ତାହା ସେମାନେ ଜାଣିପାରନ୍ତି ନାହିଁ।

–ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଅମୃତ କବିତା

ପ୍ରଫେସର ଶିବ ଚରଣ ନାୟକ
ପ୍ରକାଶକ– ବିନୋଦ ବିହାରୀ ବିଶୋଇ
ଆଇଆର୍‌ସି ଭିଲେଜ, ଭୁବନେଶ୍ୱର, ମୂଲ୍ୟ– ୧୩୫ଟଙ୍କା


ପୁସ୍ତକରେ ୩୦ କବିତା ମଧ୍ୟରୁ ଅନେକ ମର୍ମସ୍ପର୍ଶୀ ଓ ହୃଦୟ ବିଦାରକ। ପ୍ରଥମ ଅଧ୍ୟାୟରେ ଯେଉଁମାନେ ଆମର ଶକ୍ତି, ଶାନ୍ତି, ଜ୍ଞାନ ଓ ମାନ ପାଇଁ କାମନା କରନ୍ତି ସେମାନେ ସ୍ଥାନ ପାଇଛନ୍ତି । ଗ୍ରାମ୍ୟ ଜୀବନରେ ଯେଉଁ ୬ଜଣ ଆମକୁ ସର୍ବଦା ସାହାଯ୍ୟ କରନ୍ତି ସେମାନେ ଦ୍ୱିତୀୟ ଅଧ୍ୟାୟରେ ସ୍ଥାନ ପାଇଛନ୍ତି। ଭୁବନ ଓଡ଼ିଶାର ବୃହତମ ଗ୍ରାମ ; ଏଠାରେ ପ୍ରଜାମଣ୍ଡଳ ନେତା ସାରଙ୍ଗଧର ଦାସ, ପବିତ୍ର ମୋହନ ପ୍ରଧାନ ଓ ଶହୀଦ ବାଜି ରାଉତ ଜନ୍ମଗ୍ରହଣ କରିଥିଲେ। ତୃତୀୟ ଅଧ୍ୟାୟରେ ଏହି ଗ୍ରାମଟି ରହିଛି। ଚତୁର୍ଥ ଅଧ୍ୟାୟରେ ୬ଟି ଅଭୁଲା ଘଟଣା ସ୍ଥାନ ପାଇଛି। ପ୍ରଥମଟି ଗୋଟିଏ ଅଟୋ ଡ୍ରାଇଭର ସମ୍ପର୍କରେ ; ବାଲେଶ୍ୱର ନିକଟସ୍ଥ ରେଳ ଦୁର୍ଘଟଣାରେ ଜଣେ ବେଙ୍ଗଲି ଝିଅକୁ ବଞ୍ଚାଇଥିଲେ। ଝିଅର ମାବାପା ତାଙ୍କୁ ୧୦ ଲକ୍ଷର ପୁରସ୍କାର ଯାଚିଥିଲେ କିନ୍ତୁ ସେ ଗ୍ରହଣ କରି ନଥିଲେ। ଏ କଥା ପ୍ରଫେସର ନାୟକ ବର୍ଣ୍ଣନା କରିଛନ୍ତି। ତା'ଛଡ଼ା ପୁସ୍ତକରେ ଯେଉଁ ଅମୃତ କବିତା ରହିଛି ତାହା ପାଠକଲେ ପାଠକେ ଅମୃତ ରସ ପାନ କରିବେ ।




### ଏକ ଐତିହ୍ୟ ଗ୍ରାମ ବୀରବଳଭଦ୍ରପୁର

ଲେଖକ– ସତ୍ୟରଞ୍ଜନ ମିଶ୍ର
ପ୍ରକାଶକ–ଶାଶ୍ୱତ ପ୍ରକାଶନୀ
ନୂଆସାହି, ନୂଆପଲ୍ଲୀ, ଭୁବନେଶ୍ୱର
ମୂଲ୍ୟ– ୨୦୦ଟଙ୍କା


ବଳଭଦ୍ର ଦେବ ନିଜର ରାଜତ୍ୱ ସମୟରେ ଯେଉଁ ସମସ୍ତ ଅମ୍ଳାନ କୀର୍ତ୍ତି କରିଥିଲେ ତନ୍ମଧ୍ୟରୁ ତାଙ୍କ ନାମରେ ନାମିତ ବଳଭଦ୍ରପୁର ବା ବୀରବଳଭଦ୍ରପୁର ଅତ୍ୟତମ। ଏହି ବୀରବଳଭଦ୍ରପୁରକୁ ଏକ ଐତିହାସିକ ଗ୍ରାମ ରୂପେ ବିବେଚନା କରି ଲେଖକ ୧୪ଟି ଶିରୋନାମା ଦେଇ ଆଲୋଚନା କରିଛନ୍ତି। ଶିରୋନାମା ମଧ୍ୟରେ ଶ୍ରୀଜଗନ୍ନାଥ ନାମ ସଂଲଗ୍ନ ଏକ ଶାସନ ଗ୍ରାମ, ବୀରବଳଭଦ୍ରପୁର ଐତିହାସିକ ପୃଷ୍ଠଭୂମି, ଗ୍ରାମର ପ୍ରତିଷ୍ଠା, ଗ୍ରାମର ମନ୍ଦିର, ପାଳିତ ପର୍ବପର୍ବାଣୀ, ଗ୍ରାମର ସେବକ ପରମ୍ପରା, ଗ୍ରାମବାସୀଙ୍କ ଓଡିଆ ସାହିତ୍ୟକୁ ଦାନ, ସ୍ୱାଧୀନତା ସଂଗ୍ରାମକୁ ଦାନ, ଗ୍ରାମର ବିଦ୍ୟାଳୟ, ରାଜଗୁରୁ ବଂଶାବଳୀ, ସୋମନାଥ ଷଡଙ୍ଗୀଙ୍କ ଲିଖିତ ବଂଶାବଳୀ ଆଦି ରହିଛି। ପୁସ୍ତକରେ ବୀରବଳଭଦ୍ରପୁର ଗ୍ରାମ ବିଷୟରେ ଯେଉଁ ସବୁ ବିଷୟରେ ଆଲୋଚନା କରାଯାଇଛି ତାହା ଗ୍ରାମର ଲୋକ ଏବଂ ସେ ଗାଁକୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ନିଶ୍ଚୟ କିଛି ତଥ୍ୟ ଯୋଗାଇବ।



### ଭୂମିରୁ ଭୂମାକୁ


ଡାକ୍ତର ଗୁଣସାଗର ଦାଶ
ପ୍ରକାଶକ–ଏଥେନା ବୁକ୍ସ , ଭୁବନେଶ୍ୱର–୨
ମୂଲ୍ୟ–୨୫୦ଟଙ୍କା

ପୁସ୍ତକରେ ୪୪ କବିତା ଓ ୩୫ ଗୀତିଧାରା ରହିଛି। ଯାହା କବିଙ୍କର ପ୍ରଥମ କବିତା ସଂକଳନ। ଭୂମିରୁ ଭୂମା ଅର୍ଥାତ୍ ଆକାଶ ବିଶାଳତା ଓ ପରିବ୍ୟାପ୍ତର ନିଦର୍ଶନ। ସ୍ଥାନୀତ ଜନନୀ କବିତା ଜନନୀର ସ୍ନେହ, ମାୟା, ମମତା ଓ ଶ୍ରଦ୍ଧାର ଏକ ଉଲ୍ଲେଖନୀୟ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ମଉଳା ଫୁଲକୁ ସଂକଳନରେ ଭଲ କବିତା କୁହାଯାଇପାରେ । ଶବ୍ଦ ଓ ଭାବର ଅନ୍ତଃସ୍ରୋତ କବିତା ଭିତରେ ଲୁଚି ରହିଛି। ଗ୍ରନ୍ଥ ଭିତରେ ଅନେକ କବିତା ସୃଷ୍ଟି ଓ ସର୍ଜନକୁ ନେଇ ରଚିତ ଯାହା ପାଠକ ମନକୁ ଆଚ୍ଛନ୍ନ କରିବା ସହ ସ୍ରଷ୍ଟାଙ୍କ ସମ୍ମୁଖରେ ସୃଷ୍ଟିର ପ୍ରତିବାଦକୁ ଏକ ନୂଆ ରୂପ ଦେବ। ଏଠାରେ କବି କଳ୍ପନା ବିଳସୀ ନ ହୋଇ ବାସ୍ତବବାଦୀ ହୋଇଛନ୍ତି। କବିତାଗୁଡ଼ିକ ଯେମିତି ଭାବ ଛଳ ଛଳ, ସେମିତି ଅନ୍ତର୍ନିହିତ ଛନ୍ଦରେ ମଧ୍ୟ ହୃଦୟସ୍ପର୍ଶୀ। ପ୍ରତିଟି କବିତା ହୃଦୟକୁ ଆଚ୍ଛନ୍ନ କରିବ। ସେହିପରି ପ୍ରକାଶିତ ଗୀତି ଧାରା ମଧ୍ୟ ଉଚ୍ଚକୋଟିର ଏଥିରେ ସନ୍ଦେହ ନାହିଁ।



# ଶୁଣ୍ଢରେ ଠିଆ ହୋଇଛି ହାତୀ

**ସା**ରା ପୃଥିବୀରେ ଅନେକ ସ୍ଥାପତ୍ୟ ଅଛି। ତନ୍ମଧ୍ୟରୁ କିଛି ସ୍ଥାପତ୍ୟକୁ କାରିଗର ଏଭଳି ତିଆରି କରିଥାନ୍ତି ଯେ, ତାକୁ ଦେଖିଲେ ବିସ୍ମୟର ସୀମା ରହେନା। ଏଇ ଯେମିତି ଫ୍ରାନ୍ସ, ପ୍ୟାରିସ୍‌ର ଫଣ୍ଟେନେବ୍ଲୁ କ୍ୟାସେଲ୍‌ରେ ଥିବା ହାତୀର ଏକ ସ୍ଥାପତ୍ୟ। ଏହା ଏମିତି ଏକ ସ୍ଥାପତ୍ୟ, ଯେଉଁଥିରେ



ମାଧ୍ୟାକର୍ଷଣ ଶକ୍ତିର ସମ୍ପୂର୍ଣ୍ଣ ବିପରୀତ ଦେଖିବାକୁ ମିଳେ। ସ୍ଥାପତ୍ୟଟି ଏକ ହାତୀର। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସ୍ଥାପତ୍ୟଟିରେ ହାତୀଟି ନିଜ ସୁଣ୍ଢରେ ଠିଆ ହୋଇଛି। ଆଉ ତା'ର ପୁରା ଶରୀର ଉପରକୁ ଲମ୍ବଭାବେ ରହିଛି। ଉର୍‌ସା ନାମକ ଉକ୍ତ ସ୍ଥାପତ୍ୟଟି ଲାଗେ ବେଶ୍ ବାସ୍ତବ। ଉକ୍ତ ଅଜବ ସ୍ଥାପତ୍ୟକୁ ନିର୍ମାଣ କରିଛନ୍ତି ଡାନିଏଲ ଫରମ୍ୟାନ୍। ସେ ଏହାକୁ ଜୀବନ୍ତ ଭଳି କରିବା ଲାଗି ଜଣେ ଟାକ୍ସିଡର୍ମି ସ୍ପେଶାଲିଷ୍ଟଙ୍କ ସାହାଯ୍ୟ ନେଇଥିଲେ। ଫଳରେ ସ୍ଥାପତ୍ୟଟି ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଗଲା।



ବ୍ୟାକ୍ ପେଜ୍

# କଖାରୁରେ ରୂପଚର୍ଯ୍ୟା

**କ**ଖାରୁ ଏମିତି ଏକ ପରିବା ଯାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥିଲେ ହେଁ ଅନେକଙ୍କୁ ଏହା ଭଲ ଲାଗି ନ ଥାଏ। ତେବେ ଏମିତି ଏକ ସ୍ଥାନ ଅଛି ଯେଉଁଠି କଖାରୁ ସମସ୍ତଙ୍କର ଏତେ ପ୍ରିୟ ଯେ, ଖାଇବା ବ୍ୟତୀତ ଏହାକୁ ସୌନ୍ଦର୍ଯ୍ୟ ବୃଦ୍ଧି ତଥା ରୂପଚର୍ଯ୍ୟା ପାଇଁ ବି ବ୍ୟବହାର କରାଯାଏ। ସେ ସ୍ଥାନ ହେଉଛି ୟୁକେ। ଏଠାରେ କଖାରୁରେ କିଛି ମସଲାକୁ ବ୍ୟବହାର କରାଯାଇ ସେଥିରେ ସ୍ନା କରାଯାଏ। ଏଥିପାଇଁ ଏକ ବାଥଟବ୍‌କୁ ସ୍ୱତନ୍ତ୍ର ମସଲା ମିଶ୍ରିତ କଖାରୁ ଜୁସ୍‌ରେ ଭର୍ତ୍ତି କରାଯାଏ। ଆଉ ସେହି ବାଥଟବ୍‌ରେ ସ୍ନା କରାଯାଏ। ଏହାବାଦ୍ କଖାରୁ ଜୁସ୍‌ରେ ଫେସିଆଲ ଓ ମସାଜ ବି କରାଯାଏ। ଏହିସବୁ ବିଉଟି ଟ୍ରିଟ୍‌ମେଣ୍ଟରେ କଖାରୁ ଜୁସ୍‌ରେ ଡାଲଚିନି , ଜାଇଫଳ, ଲବଙ୍ଗ ଓ କଫି ଭଳି ମସଲା ମିଶାଯାଇଥାଏ। ଏମିତିରେ ତ କଖାରୁ ବହୁ ଉପକାରୀ



ସେଥିରେ ପୁଣି ବିଭିନ୍ନ ଭିଟାମିନ ଓ ଆଣ୍ଟିଅକ୍ସିଡାଣ୍ଟସ୍ ଥିବା ମସଲାର ଯେଉଁ ତଡ଼କା ଦିଆଯାଏ ତାହା ତ୍ୱଚାକୁ ନଷ୍ଟ ହେବାରୁ ବଞ୍ଚାଏ। କେବଳ ସେତିକି ନୁହେଁ ଏହାଦ୍ୱାରା ତ୍ୱଚା ମସୃଣ ଓ ଫ୍ରେସ୍ ବି ରହେ। ତେଣୁ ୟୁକେରେ କଖାରୁ ସ୍ପାଇସ୍ ସ୍ପାର ଲୋକପ୍ରିୟତା ବହୁତ।



# ଚପ୍‌ଷ୍ଟିକ୍‌ରେ କ୍ୟାଚ୍

**ଚ**ପ୍‌ଷ୍ଟିକ୍‌ରେ ଖାଦ୍ୟ ଖାଇବା ଏତେଟା ସହଜ ନୁହେଁ। ଅନେକ ଅଭ୍ୟାସ ପରେ ଯାଇ ଏହା ସାହାଯ୍ୟରେ ଖାଇହୁଏ। ତେବେ ଏହି ଦୁଇଟି କାଠି ସାହାଯ୍ୟରେ ଚେରୀ ନାମକ ଜଣେ ବ୍ୟକ୍ତି ତାଙ୍କ ଆଡ଼କୁ ଫିଙ୍ଗା ଯାଉଥିବା ସଟଲ୍‌କର୍କକୁ ଦୁଇ ଚପ୍ ଷ୍ଟିକ୍‌ରେ କ୍ୟାଚ୍ କରି ରେକର୍ଡ କରିଛନ୍ତି। ଏହି ରେକର୍ଡ ପାଇଁ ନିୟମ ଥିଲା କି ସଟଲ୍‌କର୍କ ଡେଲିଭର୍ ହେବ ଜଣେ ପ୍ରକୃତ ବ୍ୟାଡମିଣ୍ଟନ ପ୍ଲେୟର୍‌ଙ୍କ ଦ୍ୱାରା। ସେପୁଣି ୧.୯୮ ମିଟର ଦୂରରେ ଥିବା ଅପୋଜିଟ୍ ସାଇଡ ବ୍ୟାଡମିଣ୍ଟନ ନେଟ୍ ପଛପଟେ ଠିଆ ହୋଇ। ବ୍ୟାଡମିଣ୍ଟନର ଯେଉଁଭଳି ସର୍ଭ କରାଯାଏ ସେହିଭଳି ନିୟମାନୁସାରେ ସଟଲକର୍କ ସର୍ଭ କରାଯାଏ ଓ ଚେରୀ ସେହି ସର୍ଭ କରାଯାଉଥିବା କର୍କକୁ ଚପ୍‌ଷ୍ଟିକ୍ ସାହାଯ୍ୟରେ କ୍ୟାଚ୍ କରୁଥିଲେ। ଏହିଭଳି ଭାବେ ଚେରୀ ୨୩ଟି କ୍ୟାଚ୍ ଧରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।